Postal Regd.No.:
BGR - 02/2021-2023
ବର୍ଷ - ୨୧ ■ ସଂଖ୍ୟା - ୨୭
Volum. - 21 ■ Issue No.- 27
Sunday ■ Balangir
ରବିବାର ■ ବଲାଙ୍ଗିର
www.koshalaprabaha.com

KOSHALA PRABAHA

# କୋଶଳ ପ୍ରବାହ

R.N.I.No.: ODIODI/2000/03637 | ୨୩ ମେ' - ୨୯ ମେ' ୨୦୨୧ | 23 May - 29 May 2021 | Odia Weekly | 8 Pages | Rs.2/- only

## ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନର ଅଗ୍ରଗତି ସମୀକ୍ଷା ପାଇଁ ପ୍ରଧାନମନ୍ତ୍ରୀଙ୍କ ଅଧକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ




- ନବୋନ୍ମେଷ ସହିତ ନାଗରିକମାନଙ୍କୁ ବିଭିନ୍ନ ସେବା ଯୋଗାଇ ଡିଜିଟାଲ ସ୍ୱାସ୍ଥ୍ୟ ପ୍ରଯୁକ୍ତି ବିପ୍ଳବକୁ ଆଗେଇ ନେବ ଏନଡିଏଚଏମ
- ଏନଡିଏଚଏମ ଅନ୍ତର୍ଗତ ଆରମ୍ଭ କରାଯାଇଥିବା କାର୍ଯ୍ୟକ୍ରମଗୁଡିକୁ ତ୍ୱରାନ୍ୱିତ କରାଯାଉ : ପ୍ରଧାନମନ୍ତ୍ରୀ
- ଅଧିକ ସଂଖ୍ୟାରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରି ନାଗରିକମାନଙ୍କ ଜୀବନକୁ ସହଜ କରିବ ଏନଡିଏଚଏମ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, (ପିଆଇବି) : ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନ (ଏନଡିଏଚଏମ)ର ସମୀକ୍ଷା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ୧୫ ଅଗଷ୍ଟ ୨୦୨୦ରେ ନିଜର ସ୍ୱାଧୀନତା ଦିବସ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ଏନଡିଏଚଏମର ଶୁଭାରମ୍ଭ ଘୋଷଣା କରିଥିଲେ । ସେବେଠାରୁ ଡିଜିଟାଲ ମଡ୍ୟୁଲ ଓ ରେଜିଷ୍ଟ୍ରି ବିକଶିତ କରାଯାଇ ଆସୁଛି ଏବଂ ଏହି ମିଶନକୁ ଛଅଟି କେନ୍ଦ୍ର ଶାସିତ ପ୍ରଦେଶରେ କାର୍ଯ୍ୟକାରୀ କରାଯାଇଛି । ବର୍ତ୍ତମାନ ସୁଦ୍ଧା ୧୧.୯ ଲକ୍ଷ ସ୍ୱାସ୍ଥ୍ୟ ଆଇଡି ସୃଷ୍ଟି କରାଯାଇଛି ଏବଂ ୩୧୦୬ ଡାକ୍ତର ଓ ୧୪୯୦ ଡାକ୍ତରଖାନା ଏହି ପ୍ଲାଟଫର୍ମରେ ପଞ୍ଜୀକରଣ କରିଛନ୍ତି ।

ଡିଜିଟାଲ ସ୍ୱାସ୍ଥ୍ୟ ପାଇଁ ଏକ ମୁକ୍ତ ଓ ଆନ୍ତଃପରିଚାଳିତ ଆଇଟି ନେଟୱର୍କ- ୟୁନିଫାଏଡ ହେଲ୍‌ଥ ଇଂଟରଫେସ (ୟୁଏଚଆଇ) ଖୁବଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ପରିକଳ୍ପନା କରାଯାଇଛି । ଏହା ବ୍ୟବହାରକାରୀ ମାନଙ୍କୁ ଟେଲି ପରାମର୍ଶ ଏବଂ ଲାବୋରେଟୋରୀ ପରୀକ୍ଷା ଭଳି ଜରୁରି ଚିକିତ୍ସା ସେବା ସନ୍ଧାନ କରିବା, ପଞ୍ଜୀକରଣ କରିବା ଓ ହାସଲ କରିବାରେ ସହାୟକ ହୋଇପାରିବ । ଏହି ବ୍ୟବସ୍ଥା ଫଳରେ କେବଳ ପ୍ରାମାଣିକ ଚିକିତ୍ସା ସେବା ପ୍ରଦାନକାରୀମାନେ ବ୍ୟବସ୍ଥା ସହିତ ଯୋଡି ହୋଇପାରିବେ । ଏହା ନବୋନ୍ମେଷ ସହିତ ନାଗରିକମାନଙ୍କ ପାଇଁ ବିଭିନ୍ନ ସେବା ସହିତ ଡିଜିଟାଲ ସ୍ୱାସ୍ଥ୍ୟ ପ୍ରଯୁକ୍ତି ବିପ୍ଳବ ଆଣିବ ବୋଲି ଆଶା କରାଯାଉଛି । ଏପରି କରାଯିବା ଫଳରେ, ସାରା ଦେଶରେ ଅଧିକ ପ୍ରଭାବୀ ଢଙ୍ଗରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଓ ମାନବ ସମ୍ବଳକୁ ଉପଯୋଗ କରାଯାଇ ପାରିବ ।

ନ୍ୟାସନାଲ ପେମେଂଟ କର୍ପୋରେସନ ଅଫ ଇଣ୍ଡିଆ (ଏନପିସିଆଇ) ଦ୍ୱାରା ବିକଶିତ ୟୁପିଆଇ ଇ-ଭାଉଚର ବିଷୟରେ ମଧ ଆଲୋଚନା କରାଯାଇଥିଲା । ଏହି ଡିଜିଟାଲ ପଇଠ ବିକଳ୍ପ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସହ ଜଡିତ ଆର୍ଥିକ କାରବାର ପାଇଁ ସୁବିଧା ଯୋଗାଇବ ଯାହାକୁ କେବଳ ନିର୍ଦ୍ଦିଷ୍ଟ ୟୁଜର ହିଁ ବ୍ୟବହାର କରିପାରିବେ । ବିଭିନ୍ନ ସରକାରୀ ଯୋଜନାର ବାଂଚିତ ଓ ପ୍ରଭାବୀ ବିତରଣ ଲାଗି ଏହା ଉପଯୋଗୀ ହୋଇପାରିବ । ଏହାଛଡା ଚିକିତ୍ସା ସେବା ପାଇବା ଲାଗି ୟୁପିଆଇ ଇ-ଭାଉଚରକୁ ଉପଯୋଗ କରାଯାଇପାରିବ ।

ଏନଡିଏଚଏମ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମଗୁଡିକୁ ସମ୍ପ୍ରସାରିତ କରିବା ଲାଗି ତ୍ୱରିତ ପଦକ୍ଷେପ ନେବା ନିମନ୍ତେ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ବହୁସଂଖ୍ୟକ ଚିକିତ୍ସା ସେବା ଉପଲବ୍ଧ କରାଇବା ଜରିଆରେ ଏନଡିଏଚଏମ ନାଗରିକମାନଙ୍କ ଜୀବନକୁ ସହଜ କରିବ । ସେ ଉଲ୍ଲେଖ କରିଥିଲେ ଯେ ଯଦିଓ ବୈଷୟିକ ପ୍ଲାଟଫର୍ମ ଓ ରେଜିଷ୍ଟ୍ରି ପ୍ରସ୍ତୁତି ଅତ୍ୟନ୍ତ ଜରୁରି ଉପାଦାନ, ତଥାପି ସାରା ଦେଶର ନାଗରିକମାନଙ୍କୁ ଡାକ୍ତରଙ୍କ ଟେଲି ପରାମର୍ଶ, ପରୀକ୍ଷାଗାରର ସେବା ପାଇବା, ଡାକ୍ତରଙ୍କୁ ପରୀକ୍ଷା ରିପୋର୍ଟ ଓ ସ୍ୱାସ୍ଥ୍ୟ ରେକର୍ଡ ଡିଜିଟାଲ ମାଧ୍ୟମରେ ହସ୍ତାନ୍ତର କରିବା ଏବଂ ଉପରୋକ୍ତ କୌଣସି ସେବା ପାଇଁ ଡିଜିଟାଲ ମାଧ୍ୟମରେ ଅର୍ଥ ପଇଠ କରିବା ଭଳି ସେବା ନାଗରିକମାନଙ୍କୁ ଉପଲବ୍ଧ କରାଯାଇପାରିଲେ ଏହି ପ୍ଲାଟଫର୍ମର ଉପଯୋଗିତା ସାବ୍ୟସ୍ତ ହୋଇପାରିବ । ଏ ଦିଗରେ ସମନ୍ୱିତ ପ୍ରୟାସ କରିବା ଲାଗି ଏନଏଚଏ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଓ ଇଲେକ୍‌ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟକୁ ସେ ନିର୍ଦ୍ଦେଶ ଦେଇଥିଲେ ।

## ଓଡ଼ିଶାକୁ ୫୦୦ କୋଟିର ବାତ୍ୟା ସହାୟତା ଘୋଷଣା କଲେ କେନ୍ଦ୍ର ସରକାର



ଭୁବନେଶ୍ୱର : ଓଡ଼ିଶାକୁ ୫୦୦ କୋଟି ଟଙ୍କାର ସହାୟତା ରାଶି ଘୋଷଣା କଲେ କେନ୍ଦ୍ର ସରକାର । ସେହିପରି ୫୦୦ କୋଟି ପଶ୍ଚିମବଙ୍ଗ ଓ ଝାରଖଣ୍ଡକୁ ମିଳିଛି । ବାତ୍ୟାରେ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର ସହାୟତା ଘୋଷଣା ମଧ ହୋଇଛି । ବାତ୍ୟା ଯାସ୍‌ରେ କ୍ଷୟକ୍ଷତି ସମୀକ୍ଷା କରିବା ପାଇଁ ପ୍ରାଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଆସିଥିବା ବେଳେ ଭୁବନେଶ୍ୱରରେ ବାତ୍ୟା ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା । ଏହି ସମୀକ୍ଷା ବୈଠକରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦୁଇ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡ଼ଙ୍ଗୀ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଡିଜିପି ଅଭୟ ଓ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି) ପ୍ରଦୀପ କୁମାର ଜେନାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଉପକୂଳ ଜିଲ୍ଲାରେ ଅଣ୍ଡର ଗ୍ରାଉଣ୍ଡ ବିଦ୍ୟୁତ ବ୍ୟବସ୍ଥା କରିବା ସହିତ ସମୁଦ୍ର ଜୁଆର ଅଟକାଇବାକୁ ବ୍ୟବସ୍ଥା କରିବାକୁ କେନ୍ଦ୍ର ସରକାରଙ୍କ ପାଖରେ ଦାବୀ କରିଥିଲେ ରାଜ୍ୟ ସରକାର । ସାମୀକ୍ଷା ବୈଠକ ପରେ ରାଜ୍ୟର ବାତ୍ୟା ପ୍ରଭାବିତ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲା ଆକାଶ ମାର୍ଗରୁ ବୁଲି ଦେଖିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

## ବିଶିଷ୍ଟ କବି, ସମାଲୋଚକ ପ୍ରଫେସର ଶୁଭେନ୍ଦୁ ମୁଣ୍ଡ ଚାଲିଗଲେ



ଭୁବନେଶ୍ୱର : ବିଶିଷ୍ଟ କବି, ସମାଲୋଚକ, ଅନୁବାଦକ ପ୍ରଫେସର ଶୁଭେନ୍ଦୁ ମୁଣ୍ଡଙ୍କ ଦେହାନ୍ତ ହୋଇ ଯାଇଛି । ୭୦ ବର୍ଷ ବୟସ୍କ ପ୍ରଫେସର ମୁଣ୍ଡ ସାରା ଓଡ଼ିଶାରେ ଜଣେ ସାରସ୍ୱତ ପୁରୁଷ ଭାବରେ ବେଶ୍ ଜଣାଶୁଣା ଥିଲେ । ତାଙ୍କ ପରଲୋକ ଓଡ଼ିଆ ସାହିତ୍ୟ ଜଗତ ପାଇଁ ବିଶେଷ କ୍ଷତି ଆଣି ଦେଇଛି ବୋଲି ସାହିତ୍ୟ ଜଗତରେ ଚର୍ଚ୍ଚା ହେଉଛି ।

## ବଲାଙ୍ଗିର ପୋଲିସକୁ ମିଳିଲା ବଡ ସଫଳତା : ଆଇଚର୍ ଗାଡି ସମେତ ୧୪୪୦୦ ବୋତଲ କଫ୍ ସିରପ୍ ଜବତ, ୨ ଗିରଫ





ବଲାଙ୍ଗିର, (ନିପ୍ର) : ଜିଲ୍ଲାରେ କଫ୍ ସିରପ୍ କାରବାର ବଢି ଚାଲୁଥିବା ବେଳେ ବଲାଙ୍ଗିର ପୋଲିସ ହାତରେ ଏକ ବଡ ସଫଳତା ଲାଗିଛି । କଫ୍ ସିରପ୍ ଚୋରା ଚାଲାଣ ଖବର ପାଇ ତୁରେକେଲା ପୋଲିସ ଗାଡି ସମେତ ୧୪୪୦୦ ବୋତଲ ଏସ୍‌କଫ୍ ସିରପ୍ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଥିବା ବଲାଙ୍ଗିର ପୋଲିସ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ଏକ ସମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସୂଚନା ମୁତାବକ, ତୁରକେଲା ପୋଲିସ ଅଂଚଳରେ କଫ୍ ସିରପ୍ ଓ ନିଶା ବଟିକା ଚୋରା ଚାଲାଣ ଖବର ପାଇଥିଲା । ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ଏସ୍‌ଆଇ ଡୁଙ୍ଗଡୁଙ୍ଗ ଅନ୍ୟାନ୍ୟ ପୋଲିସ କର୍ମଚାରୀଙ୍କ ସହ ଯାଇ ତୁରେକେଲା କଲେଜ ଛକ ପାଖରେ ଏକ ଆଇଚର୍ ଗାଡି ନଂ.କେଏ ୫୨ ବି ୧୧୫୫ ଉପରେ ଚଢଉ କରିଥିଲେ । ଚଢଉରେ ଗାଡି ଭିତରୁ ୯୦ କାର୍ଟୁନ ଏସ୍‌କଫ୍ ସିରପ୍, ୬୦ଟି କ୍ଲୋନାଫିଟ ବଟିକା, ୫ ଲିଟରର କମଳା ରଙ୍ଗ ପାଣି ଭର୍ତ୍ତି ଜାର ଜବତ କରିଥିଲେ । ତା ସହିତ ଗାଡି ଡ୍ରାଇଭର ଗୁରୁରାଜ ଓ ଗାଡିରେ ବସିଥିବା ଯୁବକ ନରେଶ କୁମାର ଅହିରକୁ ଗିରଫ କରିବା ସହ ସେମାନଙ୍କଠୁ ନଗଦ ୧୩ ହଜାର ୫୦୦ ଟଙ୍କା, ତିନୋଟି ମୋବାଇଲ ଫୋନ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲେ । ଆଇଚର୍ ଗାଡି ଓ ଡ୍ରାଇଭର କର୍ଣ୍ଣାଟକର ହୋଇଥିବା ବେଳେ ଗାଡିରେ ବସିଥିବା ଯୁବକ ନରେଶ ନୁଆପଡା ଜିଲ୍ଲାର ଉଦ୍ୟାନବନ୍ଧ ଗ୍ରାମର ବୋଲି ଜଣାପଡିଛି । ଉକ୍ତ କଫ୍ ସିରପ୍ ଗୁଡିକୁ କର୍ଣ୍ଣାଟକାରୁ ଚୋରା ଚାଲାଣ କରାଯାଇ ତୁରେକେଲା ଅଂଚଳକୁ ଅଣାଯାଇ ଏଠାରେ ବିକ୍ରି କରାଯିବା ଯୋଜନା ରହିଥିଲା । ପୋଲିସ ଏହି ଘଟଣାରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପରେ ଘଟଣାରେ ଜଡିତ ସମସ୍ତ ତଥ୍ୟ ସାମାନାକୁ ଆସିବ ବୋଲି ପୋଲିସ କହିଛି । ତେବେ ପ୍ରଥମେ ଆନ୍ତରାଜ୍ୟ ଚୋରା ଚାଲାଣରେ ଜିଲ୍ଲାକୁ ଗଞ୍ଜେଇ ଆସି ଧରା ପଡିଥିଲା । ଏବେ ପୁଣି ଜିଲ୍ଲାରେ ଅନ୍ତଃରାଜ୍ୟ କଫସିରପ ର୍ୟାକେଟ୍ ମାତିଥିବା ସାମନାକୁ ଆସିଛି, ଯାହା ଜିଲ୍ଲାରେ ଖୋଲାଖୋଲି ଭାବେ ଚାଲୁଥିବା ନିଶା କାରବାରକୁ ସର୍ବ ସମ୍ମୁଖରେ ପକାଇଛି ।

ବିଭିନ୍ନ ମାମଲାରେ ପୋଲିସର ସଫଳତା ପରେ ମଧ କଫ୍ ସିରପ୍ ମାଫିଆ ଖସି ଯାଉଥିବା ବେଳେ ଅଂଚଳରେ ନିଶାଦ୍ରବ୍ୟ କାରବାର ଜାରି ରହୁଛି । ଏଭଳି ସ୍ଥିତିରେ ଜିଲ୍ଲା ପୋଲିସ ପ୍ରଶାସନ ମୁଖ୍ୟ ଆସାମୀମାନଙ୍କୁ ଖୋଜି ବାହାର କରିବା ସହ ଅଂଚଳରେ ନିଶା କାରବାରକୁ କଡାକଡି ଭାବେ ଦମନ କରିବାକୁ ଦାବୀ ହେଉଛି ।

# ବଲାଙ୍ଗିର ବିଷୟରେ ଏକ ରଚନାର କିଛି ଅଂଶ

ଶରଦିନ୍ଦୁ ଭୂଷଣ ହୋତା



ବଲାଙ୍ଗିର ଲୋକେ ପ୍ରକୃତିଗତ ଭାବେ ଆମେ ବଡ଼ ସଭାବିଳାସୀ । ଯାହା ଯେମିତି ହେଉ ସବୁ କଥା ଆଗରେ ସଭାଟିଏ କରିବା ଆମର ମଜ୍ଜାଗତ ଅଭ୍ୟାସ । ଚିରୁଣି ଧରି ମୁଣ୍ଡକୁ ବହେ ରାଂପି ପକାଇବା ପରେ ଉକୁଣି ମୁଣ୍ଡିଆ ଲୋକଟିକୁ ଯେମିତି ହାଏ ଲାଗେ, କୌଣସି କିଛି ପାଇଁ ଆମର ମଧ୍ୟ ପିଉମୁଣି ଚହଲିବା ମାତ୍ରକେ ଜୋର୍‌ଦାର୍ ସଭାଟିଏ କରି ନେଇ ପାରିଲେ ତେଣିକି ବଡ଼ ଉଶ୍ୱାସ ଲାଗେ । ଅଂଚଳ ବିଚାରରେ ଆମର ବଡ଼ ଅବହେଳିତ ନିରିମାଖିଆ ଅଂଚଳ । ସାମୁହିକ ଭାଗ୍ୟ ପଥର ତଳେ ଚାପା ପଡ଼ିଛି । ଜୀବନ ଭୂମିରୁ କୌଣସି ରସ ନପାଇ ଦୀର୍ଘ କାଳ ଧରି ଆମେ ବଡ଼ ରୁଖାଶୁଖା ଜୀବନ ଜୀଉଁଛୁ । ଆମ ଭାଗ୍ୟକୁ ଚଳାଇବେ ବୋଲି ଚାଳକ ଓ ଶାସକ ପଣରେ କେତେ କେତେ ସିଆଣିଆ ବ୍ୟକ୍ତି ସାଆନ୍ତ ସାଜି ଆମ ଉପରେ ସବାର ହୋଇଛନ୍ତି । ନାନା ଆଳରେ ଜୀବନୋଦୟର ସମ୍ଭାବନାକୁ ବାଟମାରଣା କରୁଛନ୍ତି । କ୍ରମାଗତ ଭାବରେ ସେମାନଙ୍କ ଉଦ୍ଦେଶ୍ୟପୂର୍ଣ୍ଣ ଅବଜ୍ଞା ଓ ପ୍ରବଞ୍ଚନାର ଶୀକାର ହେବା ହେତୁ ଅସ୍ତିତ୍ୱର ଅନୁଭବ ଏବେ ଭିନ୍ନ ବାଗରେ ଉଖାରି ହୋଇଯାଇଛି । ଅନ୍ୟ କାହାରି କଥାର ଡାହାଣୀ ଆକର୍ଷଣରେ ନ ଭୁଲି ଏବେ ନିଜ କଥା ନିଜେ ଟିକେ ଅଧିକ ଗହୀରରୁ ବୁଝି ବୁଝାଇବା ପାଇଁ ଏକ ପ୍ରବଣତା ଜାଗିଛି । 'ମହିଷି ଶିଂଗ ଫଟା, ଯୁଝିଲା ବେଳକୁ ଗୋଟା' ନ୍ୟାୟରେ ସମସ୍ତେ କେମିତି ଗଅଁଠା ଗଅଁଠି ହୋଇ ଏକ ହୋଇ ଯାଆନ୍ତୁ, ସମସ୍ତଙ୍କ ଭାଗ୍ୟ ଓ ଭବିଷ୍ୟତକୁ ମନୁଷ୍ୟୋଚିତ ଢଙ୍ଗରେ ପୁଣି ଗଢ଼ି ତୋଳିବାକୁ ମଜ୍‌ବୁତ୍ ଭାବରେ ସଂଗ୍ରାମ କରିବାକୁ ଏକତ୍ରିତ ହୋଇ ପାରନ୍ତୁ, ଆମ ମାଟିର ନିରୁତା ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଚିହ୍ନି ଚିହ୍ନାଇବା ପାଇଁ ଯୋଗ୍ୟ ହୋଇ ପାରନ୍ତୁ, ଆମ ଅଂଚଳର ମୁକ ଜନତାଙ୍କ ତୁଣ୍ଡରେ ଦାବି ଉପସ୍ଥାପନର ଭାଷା ଓ ଅଭିବ୍ୟକ୍ତି ପଇଟି ପାରନ୍ତା, ବିଚ୍ଛିନ୍ନତା, କଳହ ଓ ଆତ୍ମସ୍ୱାର୍ଥ ସୁଯୋଗ ସଂଧାନର ମାନସିକତା ବିଦାୟ ନିଅନ୍ତା... ଇତ୍ୟାଦି ଇତ୍ୟାଦି ନାନା ପ୍ରକାରର ପବିତ୍ର ବାସନା ଆମମାନଙ୍କ ଭିତରୁ ପ୍ରାୟ ପ୍ରତି ପ୍ରତ୍ୟେକଙ୍କ ଅନ୍ତର ଭିତରେ ଜାଗୁଛି । ଅପମାନ ଓ ଅବସାଦ ଜାରି ରଖିଥିବା ସ୍ଥିତାବସ୍ଥା ବିରୁଦ୍ଧରେ ବିଦ୍ରୋହ ଚେତନାଟିଏ ଉଙ୍କି ମାରୁଛି । ଏତେ ଦିନ ଯାହା ହେବା କଥା ହୋଇଗଲା । ଏଣୁ ଏଣିକି ନିଜକୁ ନିଜେ ସଜାଡ଼ିବା ଓ ଗଢ଼ିବା ପାଇଁ ସଂକଳ୍ପଟିଏ ବ୍ୟକ୍ତିଗତ ଓ ସମଷ୍ଟିଗତ ଉଭୟ ସ୍ତରରେ ଦାନା ବାନ୍ଧୁଛି । ଏତିକି ବେଳେ ସଭାଟିଏ କରିବାର ଆବଶ୍ୟକତାକୁ କିଏ କାହିଁକି ବା ନାହିଁ କରି ପାରିବ ?

ଧରନ୍ତୁ ଉଦ୍ଦେଶ୍ୟଗତ ସ୍ୱଚ୍ଛତା ଧରି ଏଥିପାଇଁ ଜଣେ ସଭାରେ ବସିଛି । ସେଭଳି ଜଣେ ବାଟ ଦେଇ ପାରିବ ଓ ବାଟ ପାଇ ପାରିବ ମଧ୍ୟ । ସବୁ ଗବାକ୍ଷ ଖୋଲି ସେ ସବୁ ମତ ଓ ପଥର ଲୋକଙ୍କ କଥା ଶୁଣିବା ପାଇଁ ବସି ପାରିବ । ସବୁ କଥା ଦେଖି, ଶୁଣି, ବୁଝି ଅସଲ ଓ ଆକାଂକ୍ଷିତ ମଙ୍ଗଳଟି ପାଇଁ ଖିଅ ପାଇ ପାରିବ । ଦଶ ଜଣଙ୍କୁ ସାଥୀରେ ନେଇ ସଂଗ୍ରାମ ପଥରେ ଆଗେଇ ପାରିବ । ସଂଗ୍ରାମ ପଥର ସବୁ କଣ୍ଟା ମାଡ଼ି ପାରିବ । ଲୁହାର ଚଣା ଚୋବାଇ ପ୍ରୟୋଜନ ବେଳେ ହାତରୁ ଖାଇ ଘୋଡ଼ା ପଛରେ ମଧ୍ୟ ବିନା ଆପତ୍ତିରେ ଦୌଡ଼ ଦେଇ ପାରିବ । ଈର୍ଷା, ଆକ୍ରୋଶ ଓ ଅପମାନର ଶତ ଶତ ଫଣା ଚୋଟ ଖାଇ ମଧ୍ୟ ଢ଼ଳି ପଡ଼ିବନି, ମଜ୍‌ବୁତ୍ ରହିବ । ଧ୍ୟେୟନିଷ୍ଠ ଜଣେ ସଂଗ୍ରାମୀ ପୁରୁଷ ରୂପେ ସ୍ୱତଃ ହିଁ ସେ ବାରି ହୋଇ ପଡ଼ିବ । ଉଦ୍ଦେଶ୍ୟଗତ ସ୍ୱଚ୍ଛତା ରହିଥିଲେ ସଭାରେ ବସି ଜଣେ ଏଇୟା ହୋଇ ପାରିବ । ଆଉ ଜଣେ ଧରାଯାଉ ସେଭଳି କୌଣସି ଉଦ୍ଦେଶ୍ୟଗତ ସ୍ୱଚ୍ଛତା ନଥାଇ ସଭାରେ ବସିଛି । ହୁଏତ ତା'ର ତଥାକଥିତ ପଦପଦବୀ, ଯୋଗ୍ୟତା ବା ପ୍ରତିଭାର ପ୍ରଭାବ ହେତୁ ସଭା ମଣ୍ଡାଇବାର ସୁଯୋଗଟିଏ ସେ ପାଇ ଯାଇଛି । ସେଭଳି ଜଣକର ମନରେ ନଥିବା ହେତୁ ମାଳାରେ ବି କିଛି ନଥାଏ । ଯଦିଓ ସେ ପ୍ରୟୋଜନରେ ପଡ଼ି ସଭାର ଉଦ୍ଦେଶ୍ୟକୁ ସ୍ୱୀକାର କଲା ଭଳି ଦିଶିବାକୁ ବସିଥାଏ । ତଥାପି ତା' ଅନ୍ତଃସନ୍ଧିରେ ଚୋର ଭଳି ଉଦ୍ଦେଶ୍ୟ ଭିତରର ଉଦ୍ଦେଶ୍ୟ (Intention within intention) ହୋଇ ଆତ୍ମସ୍ୱାର୍ଥ ଓ ଆତ୍ମ ପ୍ରତିଷ୍ଠାର ଏକ ଅବର୍ଜିଆ ହୀନ ଉଦ୍ଦେଶ୍ୟ ଲୁଚି ରହିଥାଏ । ଧୋବ ଖଣ୍ଡେ ପିନ୍ଧି ବାହାରକୁ ସାଆନ୍ତ ଭଳି ଦେଖା ଯାଉଥିବା ସତ୍ତ୍ୱେ ଅସଲରେ ତା' ପିଉନଳୀରେ କିନ୍ତୁ ନାନା ପ୍ରକାରର ହୀନିମାନିଆଁ ଗନ୍ଧିଆ ଚିନ୍ତା ଗୁନ୍ଦାଳି ହେଉଥାଏ । ଭାବଗତ ଭାବେ ସେଥିରେ ସେ ଉଠୁଥାଏ ତ' ପଡୁଥାଏ । ଧ୍ୟେୟନିଷ୍ଠ ଭାବେ ଆକାଂକ୍ଷିତ ଉଦ୍ଦେଶ୍ୟ ଆଡ଼କୁ ମୁହଁ କରି ଦଣ୍ଡେ ଘଡ଼ିଏ ପାଇଁ ବି ଥିର ଥଣ୍ଡା ହୋଇ ମୋଟେ ବସି ପାରୁନଥାଏ । ସଭା ତା' ବାଟରେ କାର୍ଯ୍ୟକ୍ରମ ଅନୁଯାୟୀ ଚାଲିଥାଏ । ସମସ୍ତେ ଦେଖିବାକୁ ସେ ଶାନ୍ତ ସୁଧାର ଭଳି ବସିଥାଏ । ମାତ୍ର ବଡ଼ ସ୍ୱର୍ଶକାତର ଭାବେ ବସିଥାଏ । ଚାରିଆଡ଼କୁ ଆଖି ପହଁରାଇ ଆଣି ବାରମ୍ବାର ତା'ର ତା'ର ସେ କଳି ନେଉଥାଏ ଯେ ଲୋକେ ତାକୁ କେତେ ଗୁରୁତ୍ୱ ଦେଇ ଦେଖୁଛନ୍ତି । କଥା କହିବା ବେଳେ ତା' କଥା ରହୁଛି ନା' ନାହିଁ । ଯେଉଁ ଉଦ୍ଦେଶ୍ୟରେ ସଭା ହେଉଛି, ସେ ଉଦ୍ଦେଶ୍ୟର ମଙ୍ଗ ଧରିଥିବା ଆଉ ପାଂଚଜଣ ମଙ୍ଗୁଆଳଙ୍କ ମଧ୍ୟରେ ପ୍ରକୃତରେ ସିଏ ଏକା ଯେ ମଙ୍ଗରାଜ ସେଭଳି ଜଣା ପଡୁଛି ନା' ନାଇଁ । ଗଣମାଧ୍ୟମଗୁଡ଼ିକର ପ୍ରତିନିଧିମାନେ ଅଧିକ ଏକ ଉଚ୍ଚାଟନରେ ତା' କହିବା କଥା ସବୁକୁ ଟିପୁଛନ୍ତି ନା' ନାଇଁ । ଫଟୋ ଯଦି ଉଠାଯାଇଛି ତହିଁରେ ସେ ମଉଡ଼ମଣି ଭଳି ଦିଶି ପାରିବାର ପୋଜ୍ ପୋଜିସନ୍ ସବୁ ନିଆଯାଉଛି ନା' ନାଇଁ ... ଇତ୍ୟାଦି ନାନା କିସମର ଚିନ୍ତାଗୁଡ଼ିକୁ କେନ୍ଦ୍ର କରି ସେ ବାଘୁଆଙ୍କ ଭଳି ନିଘା ରଖିଥାଏ । ଯଦି ସବୁ ତା' ମୁତାବକ ଠିକ୍‌ଠାକ୍ ଚାଲିଛି ତ' ତା ସମାନେ ଆଉ ଭଦ୍ରଲୋକ ନାହିଁ । ଆୟୋଜକଙ୍କ ଅଜ୍ଞତାରୁ ହେଉ କିମ୍ବା ମଂଚାସୀନ କୌଣସି ସମଧର୍ମୀଙ୍କ ଉଦାସୀନତା ହେତୁ ହେଉ ଯଦି କୌଣସି କାରଣରୁ ପାନରୁ ଟିକେ ଚୁନ ଖସିଗଲା ତେବେ ତାଙ୍କର ଆଉ ଭାରସାମ୍ୟ ରଖି ଚଳିବାର ସମ୍ଭବ ହୁଏନାହିଁ । ମୁଁ ନାହିଁ ତ' କିଛି ନାହିଁ ବିଚାରର ଦୁଷ୍ଟ ପ୍ରଭାବରେ ପଡ଼ି ତେଣିକି ସେ ସଭା ମାରା କରିଦେବାକୁ ବି ସେ ପଛାନ୍ତି ନାହିଁ । ସଭାର ମୂଳ ଉଦ୍ଦେଶ୍ୟ ଚୁଲିକି ଯାଏ । ଉପସ୍ଥିତ ଅନ୍ୟମାନେ ଅସ୍ୱସ୍ତିକର ଏଇ ମାଙ୍କଡ଼ାମୀ ଦେଖିବାକୁ ବାଧ୍ୟ ହୁଅନ୍ତି । ମିଡ଼ିଆବାଲା ତେଣିକି ଅସଲ କଥାର ଅବତାରଣା ପରିବର୍ତ୍ତେ ଏଭଳି ମତ୍ତ ମାର୍ତଣ୍ଡମାନଙ୍କ ତାଣ୍ଡବ ତର୍ଜମା କରିବାରେ ବ୍ୟସ୍ତ ରହି ଯାଆନ୍ତି ।

ଭାତ ହାଣ୍ଡିରୁ ଗୋଟିଏ ଚିପିଲେ ଜଣା ପଡ଼ିବା ନ୍ୟାୟରେ ଗୋଟିଏ ଦୁଇଟି ସଭା ବିଷୟରେ ଚିନ୍ତା କଲେ ସବୁକଥା ଜାଣିହେବ । ଭାଷା ଚର୍ଚ୍ଚାର ପ୍ରସଙ୍ଗ ନେଇ ମଧ୍ୟ ସେ ଏକା କଥା । ଅନେକ ସଭା ସମିତି ହୋଇ ଚାଲିଛି । ଆମ ଅଂଚଳର ଲିପି, ଭାଷା ଓ ସଂସ୍କୃତିକୁ ଚିହ୍ନଟ କରି ସେଥିପାଇଁ କାମ କରାଯିବ ଓ ତା'ର ସ୍ୱାତନ୍ତ୍ୟ ପ୍ରତିଷ୍ଠା ପାଇଁ ସବୁ ସ୍ତରରେ ଉଦ୍ୟମ ଜାରି ରଖାଯିବ ବୋଲି କେତେନା' କେତେ ଅତ୍ୟୁତ୍ସାହୀ ଉଚ୍ଚାରଣ ସବୁ ଶୁଣାଗଲା । କଥାଗୁଡ଼ିକ ଶୁଣି ଦେହରେ ସତେ ଅବା ମଳୟ ପବନ ବାଜିବା ପରି ଲାଗିଲା । ଜାକିଜୁକି ହୋଇ ନିଜ ଭିତରେ ନିଜେ ଜୀବନ ଜୀଉଁଥିବା ପ୍ରବୀଣମାନେ ମଧ୍ୟ ଆପଣା ଆପଣା ଭିତରେ ପୁଣି କିଛି କରିପାରିବାର ପ୍ରବଳ ବେଗ ଅନୁଭବ କରି ବାହାରକୁ ବାହାରି ପଡ଼ିଲେ । ମହଳଣ ପଡ଼ି ଆସୁଥିବା ଜୀବନଗୁଡ଼ିକ ପୁଣିଥରେ ପୁଲକିତ ହୋଇ ପଡ଼ିଲା । ଶେଷବେଳକୁ ହେଲେ ଆପଣା ଭାଷା ସାହିତ୍ୟ ପାଇଁ ସ୍ୱଚ୍ଛଳ ଭାବରେ କିଛି କରିପାରିବାର ଆକାଂକ୍ଷିତ ସୁଯୋଗଟି ମିଳି ପାରିଲା ବୋଲି ଅନେକେ ମନ ଭିତରେ ଭାରି କୁତୁକୁତୁ ଅନୁଭବ କଲେ । ଅତ୍ୟୁତ୍ସାହର ଆବେଗରେ ଭାଷା ଚର୍ଚ୍ଚା ପର୍ବର ପ୍ରଥମ ପ୍ରହର ଏଭଳି ଆବେଗ ସର ସର ହୋଇ ପାର ହୋଇଗଲା । ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ ଦିଗରେ ଆମେ କେତେ କ'ଣ କରି ପାରିଲେ ନ ପାରିଲେ ସେ କଥା ସମୟ ନିର୍ଦ୍ଧାରଣ କରିବ । ମାତ୍ର ସେଇ ପ୍ରହରର ଅଶୋଧିତ ଆବେଗଗୁଡ଼ିକ ଉତ୍ସାହର ନାମ ନେଇ ଏଭଳି ପ୍ରବଳ ହେଲା ଯେ ଅନ୍ୟ ଭାଷାରେ ଲେଖାପଢ଼ା କରି ଆସୁଥିବା କବି, ଲେଖକମାନେ ମଧ୍ୟ ସଉତୁଣୀ ଭଳି ମନେ ହେଲେ । ପାଂଚ ଜଣଙ୍କ ସାମ୍ନାରେ ସେମାନଙ୍କୁ ଝିଂଗାସ ଦେଇ ଅପମାନିତ କରିପାରିବାର ଏକ ଅଙ୍ଗିକାରବଦ୍ଧତା ବୋଲି ବୁଝାଗଲା । ଅନ୍ୟ ଭାଷାରେ ଲେଖାଲେଖି କରି ଯଥେଷ୍ଟ ସାରସ୍ୱତ ଯୋଗ୍ୟତାର ସ୍ୱାକ୍ଷର ରଖି ସାରିଥିବା ସ୍ରଷ୍ଟା ପୁରୁଷମାନଙ୍କୁ ମଧ୍ୟ ହେୟ ପ୍ରତିପାଦନ କରିପାରିବାରେ ଏକପ୍ରକାର ଉଲ୍ଲାସ ମିଳିଲା । ଦେଖାଗଲା ଯେ, ଭାଷା, ସାହିତ୍ୟ ଓ ସଂସ୍କୃତିର ସେବା କରିବାର ନାଁରେ ସେଭଳି ଉଲ୍ଲସିତ ଉତ୍ୟୁସାହୀମାନେ କ୍ରମଶଃ ଏକ ମୌଳବାଦୀ ମାନସିକତାର ଶୀକାର ହୋଇ ପଡ଼ିଲେ । ଦାବୀର ତୋଡ଼ ଦେଖାଇ ଅନେକ ନିତାନ୍ତ ଉଗ୍ର ଓ ଉଦ୍ଧତ ବେଭାରର ଅପସାଂସ୍କୃତିକ ଦୃଷ୍ଟାନ୍ତମାନ ସ୍ଥାପନ କରି ବସିଲେ ।

ଏ ତ' ଗଲା ବଡ଼ ବଡ଼ ପ୍ରସଙ୍ଗ । ସାନ ମାପର ପ୍ରସଙ୍ଗଗୁଡ଼ିକୁ ଧରି କରାଯାଉଥିବା ସଭା ସମିତିରେ ବି ଅଳ୍ପ ବିସ୍ତାର ସେଇ ସମାନ ପ୍ରବଣତା ଦେଖା ଦେଉଛି । ବାହାରକୁ ଆମେ ସଂପୂର୍ଣ୍ଣ ନିବେଦିତ ପ୍ରାଣ ଓ ସଚେତନ ଭଳି ଦେଖାଯାଉଥିଲେ ମଧ୍ୟ କେଜାଣି କେଉଁ ଅଭିଶାପରେ ଏକ ଅବର୍ଜିଆ ଆତ୍ମସ୍ୱାର୍ଥ ଆମମାନଙ୍କର ମଂଜ କାମୁଡ଼ି ଧରିଛି । ଯେକୌଣସି ଅବସରରେ ନିଜ ପାଇଁ ବିଶିଷ୍ଟତା ଲାଭର ଲୋକ ଆମକୁ କାବୁ କରି ନେଉଛି । ତହିଁରୁ ଆମେ ମୁକୁଳି ପାରୁନୁ । କ୍ରମାଗତ ଆମ ଆଚରଣରେ ଦେଖାଦେଇ ସେଗୁଡ଼ିକ ଏତେବେଳକୁ ଏକ ଏକ କ୍ଷତିକାରକ ଅଭ୍ୟସ୍ତ ସଂସ୍କାର ରୂପେ ଉଭା ହୋଇ ସାରିଛି । ସ୍ଥିତାବସ୍ଥାକୁ ସୁଧାରିବା ପାଇଁ ଦରକାର ପଡୁଥିବା କୌଣସି ବି ବିକଳ୍ପ ଗଠନ ପାଇଁ ଆମେ ଅକ୍ଷମ ହୋଇ ପଡୁଛୁ । ସେଥିପାଇଁ ବୋଧହୁଏ ବାପଠାରୁ ପୁଅ ପର୍ଯ୍ୟନ୍ତ ସଭିଏଁ ମିଶି ଆମେ ରାତି ରାତି ଉଜାଗର ହୋଇ ବର୍ଣ୍ଣାଢ଼୍ୟ ଆୟୋଜନ ଓ ଉଦ୍ୟମଗୁଡ଼ିକ କରୁଥିବା ସତ୍ତ୍ୱେ ବଲାଙ୍ଗିରର ଭାଗ୍ୟରେ ମୁଗୁରା ଏଯାବତ୍ ସେମିତି ମୁକୁଳା ହିଁ ପଡ଼ିଛି । ବିକଳ୍ପ ବଲାଙ୍ଗିର ଗଠନ ପାଇଁ ବିକଳ୍ପ ମଣିଷ ଦରକାର । ଆମମାନଙ୍କର ଅଭ୍ୟସ୍ତ ମାନସିକତା ପ୍ରବଣତା ଓ ସଂସ୍କୃତିକୁ ଡ଼େଇଁ ପାରିବା ପାଇଁ ଆମେମାନେ ବଦଳିବା ଦରକାର । ନିଜେ ବଦଳିବାକୁ ରାଜି ନହେଲେ ଆମେ ଯେତେ ଯେତେ ଆଳଙ୍କାରିକ ଆୟୋଜନ ସବୁ କଲେ ମଧ୍ୟ ଆମ କାହାରି ହାତରେ ବଲାଙ୍ଗିରର କାଦୁଅଗୁଡ଼ିକ ସଫା ହୋଇ ପାରିବନାହିଁ ।

ସଭାରେ ବସୁଥିବା ଶିଷ୍ଟମାନଙ୍କ ସିଆଣିଆଁ ପଣ ସଂଚାରିତ ହୋଇ କ୍ରମଶଃ ଜନମାନସକୁ ପ୍ରଦୂଷିତ କରି ଦେଉଛି । ସଭାରେ ବସି କଥା ବିକୁଥିବା ସାଆନ୍ତମାନଙ୍କୁ ଲୋକେ ଏଣିକି ଭିନ୍ନ ଆଖିରେ ଦେଖି ବସିଲେଣି । ସଭାରେ ଆଲୋଚିତ 'ବଡ଼' କଥାଗୁଡ଼ିକୁ ତାଙ୍କ 'ଛୋଟ' ମୁଣ୍ଡମାନଙ୍କରେ ଥାନ ଦେଇ ରଖି ପାରୁନାହାନ୍ତି । କିଛି ମିଡ଼ିଆ କଭରେଜ୍ ମିଳିଯିବା ପରେ କଥାଗୁଡ଼ିକ ବାଏଁ ବାଏଁ ପୁରୁଣା କର୍ପୁର ଭଳି ଉଡ଼ିଯାଉଛି । ଲୋକଙ୍କ ଭିତରକୁ ଭେଦି ପାରୁନାହିଁ । ବିଭିନ୍ନ ମାଧ୍ୟମରେ ଦେଖି ଶୁଣି ବୁଝି ଲୋକେ ଖାଲି ସଂବାଦ ରୂପେ କଥାଗୁଡ଼ିକର ବିବରଣୀ ପାଉଛନ୍ତି । ମାତ୍ର ସମ୍ୟକ ଭାବରେ କୌଣସି ବି କଥାର ପ୍ରେରଣାରେ ଉଦ୍‌ବୋଧିତ ହେଉନାହାନ୍ତି । କ୍ରମଶଃ ଧରି ନେଲେଣି ଯେ, ସଭାରେ ବଡ଼ ବଡ଼ କଥାଗୁଡ଼ିକ ଖାଲି ଆଲୋଚନା ମାଧ୍ୟମରେ କୁହାହେବା ପାଇଁ । କଥା ମାଧ୍ୟମରେ ଭଲ ଭଲ ଘୋଷଣାଗୁଡ଼ିକ ହୁଏ । ସଂକଳ୍ପ ନିଆଯାଏ । ତଥାକଥିତ ଭାବେ କିଛି କିଛି କାର୍ଯ୍ୟକ୍ରମର ସୂଚନା ମଧ୍ୟ ଦିଆଯାଏ । ମାତ୍ର କୁହାଯାଉଥିବା ସବୁକଥାକୁ ପାଳିବା ବା କାର୍ଯ୍ୟକାରୀ କରିବାରେ କାହାରି ପାଇଁ ଭିତରୁ ବାହାରୁ କୌଣସି ଆଡୁ କିଛି ବାଧ୍ୟବାଧକତା ନଥାଏ । ସମସ୍ତଙ୍କ ପାଇଁ ସାହାଣ ମେଲା ଥାଏ । କୁହାଯାଉଥିବା କଥାଗୁଡ଼ିକର କାର୍ଯ୍ୟକାରିତା ପାଇଁ କାହାରିକୁ ବି ଉତ୍ତରଦାୟୀ କରାଯାଇ ପାରୁନଥାଏ । ଏଭଳି ବାକ୍ ଚାତୁରୀ ଓ ଚାହିଁବାର ବିଳାସିତାଗୁଡ଼ିକୁ ଦେଖି ଦେଖି ଲୋକେ କ୍ରମଶଃ ଥୋବରା ହୋଇ ପଡ଼ନ୍ତି । ମଗଜ ଖଟାଇ କୌଣସି ବି କଥା ପାଇଁ ମେହେନତ କରିବାକୁ ରାଜି ଭାବ ରଖି ପାରନ୍ତି ନାହିଁ । ପରିଣାମରେ ତମାମ୍ ଜନଜୀବନ ମଜ୍ଜାଗତ ଏକ ଅବସାଦ ଓ ଆଳସ୍ୟ ଭିତରକୁ ଅନିବାର୍ଯ୍ୟ ଭାବେ ଆଉଜି ହୋଇଯାଏ । ରୁଗ୍ଣ ମାନସିକତାର ଶୀକାର ହୋଇଯିବା ଫଳରେ ଜନଜୀବନ ରୁଗ୍ଣ ହୁଏ । ଚତୁର୍ଦ୍ଦିଗରେ ଘଟୁଥିବାର ଅସୁସ୍ଥତା ଓ କୁତ୍ସିତତାଗୁଡ଼ିକ ସେମାନଙ୍କ ଦେହସୁହା ହୋଇଯାଏ । ସାର୍ବିକ ଏକ ପରାଭବ ଭୋଗୀ ତମାମ୍ ଜନସମଷ୍ଟି ଜାନୁଭଙ୍ଗ ଅବସ୍ଥାରେ ପଡ଼ିରହେ । ଏତେ ଏତେ ସଭାରେ ଏତେ ଏତେ ଭଲ କଥାର ପାରାୟଣ ହେଉଥିବା ସତ୍ତ୍ୱେ ବଲାଙ୍ଗିରର ଲୋକେ କିନ୍ତୁ ସେମିତି ପଡ଼ି ରହିଛନ୍ତି । କିଛି ବି କରିବାର ଜୁ ନାହିଁ । ସମଗ୍ର ସହର ନର୍କ କୁଣ୍ଡ ହୋଇଯାଉ, କାହାରି କିଛି କରିବାର ନାହିଁ । ଜୁଆ, ସଟ୍ଟା, ରାହାଜାନୀ ପ୍ରବଳରୁ ପ୍ରବଳତର ହେଉ, କାହାରି କିଛି ଚିନ୍ତା କରିବାର ନାହିଁ । ବିଦ୍ୟାଳୟ, ମହାବିଦ୍ୟାଳୟରେ କପି କରୁ କରୁ ପିଲାଛୁଆ ସବୁ ମାଙ୍କଡ଼ ହୋଇ ଯାଆନ୍ତୁ, କାହାରି ପର୍‌ବାଏ ନାହିଁ । ଦୁର୍ନୀତି ଦୁରାଚାର ଭ୍ରଷ୍ଟାଚାର ଅନାଚାର ସବୁ ଷୋଡ଼ଶ ଉପଚାରରେ ଚାଲୁ, କାହାରି ମୁଣ୍ଡ ବିନ୍ଧିବାର ନାହିଁ । ପୂଜ୍ୟପୂଜାର ବ୍ୟତିକ୍ରମ ଘଟି ଅପସଂସ୍କୃତିର କଳାବାଦଲ ଘୋଟି ଆସୁ, କାହାରି ବି ପାଟି ଖୋଲିବାର ନାହିଁ । ଦାରୁ, ଦାରୀ, ଦାଦାଗିରିର ମାହୋଲ ଖୋଲିଯାଉ, କାହାରି ବାଧା ଦେବାର ନାହିଁ । ସବୁ କିଛିକୁ ପିଠେଇ ନେଇ ଏକ ଅଚଳାୟତନ ମହାମେରୁ ପରି ଜନଜୀବନ ମୂର୍ଚ୍ଛା ହୋଇ ପଡ଼ିଛି । ଅଥଚ ପ୍ରବଳରୁ ପ୍ରବଳ ହୋଇ ସବୁ କ୍ଷେତ୍ରରେ ସଭାମାନ ଚାଲିଛି ।

ଏବର ସଭାମାନଙ୍କରେ ଆଉ ଏକ କଥା ଅତି ଅବଶ୍ୟ ପାଳନ କରାଯାଉଛି । ମୂଳ କାର୍ଯ୍ୟକ୍ରମ ସହିତ ଯୋଡ଼ି ଏକ ସମ୍ବର୍ଦ୍ଧନା ପ୍ରଦାନ ବା ଉପାୟନ ପ୍ରଦାନ କାର୍ଯ୍ୟକ୍ରମ ରହୁଛି । ଇଏ ତାହାକୁ ତ' ସିଏ ଏହାକୁ ହୋଇ ଚଟୁରେ ଚଟୁରେ କୋଳାକୋଳି ନ୍ୟାୟରେ

(ସପ୍ତମ ପୃଷ୍ଠା ଦେଖନ୍ତୁ)

**ସଚେତନତା ତଥା ସମୟୋଚିତ ପଦକ୍ଷେପ ଦ୍ୱାରା କରୋନାକୁ ପରାସ୍ତ କରାଯାଇ ପାରିବ । କରୋନା ସଂକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ଯେଉଁସବୁ ନିୟମ ରହିଛି, ତାହାକୁ ପାଳନ କଲେ, କରୋନା ପାଖ ମାଡ଼ିବ ନାହିଁ । ବାରମ୍ବାର ହାତ ଧୋଇବା, ମୁହଁରେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା, ସାନିଟାଇଜର୍ ବ୍ୟବହାର କରିବା ଉପରେ ବିଶେଷ ଧ୍ୟାନ ଦେବା ଜରୁରୀ । ସବୁଠାରୁ ବେଶୀ ଜରୁରୀ ହେଲା, ନିହାତି ଦରକାର ନ ହେଲେ ଘରୁ ନ ବାହାରିବା । ଯେମିତି ସମ୍ଭବ ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ ।**

– ଜଣେ ଶୁଭେଚ୍ଛୁ

## ସଂପାଦକୀୟ

# ମହାମାରୀ ସଂକ୍ରମଣ କାଳରେ ସାମୁଦ୍ରିକ ବାତ୍ୟା 'ୟାସ୍'

ମହାମାରୀ କରୋନାର ଦ୍ୱିତୀୟ ଲହର ମାନବ ସମାଜକୁ ଅସ୍ତବ୍ୟସ୍ତ କରି ପକାଉଥିବା ବେଳେ ସାମୁଦ୍ରିକ ବାତ୍ୟା 'ୟାସ୍' ଓଡ଼ିଶାରେ ତାଣ୍ଡବ ରଚିଛି । ରାଜ୍ୟ ସରକାରଙ୍କ ଆଗୁଆ ପଦକ୍ଷେପ ଯୋଗୁଁ ଅନେକ ଧନ ଜୀବନ ସୁରକ୍ଷିତ ରହିଥିଲେ ସୁଦ୍ଧା ୟାସ୍ ତାର୍ ପ୍ରକୋପ ଦେଖାଇଛି, ଏହାକୁ ସ୍ୱୀକାର କରିବାକୁ ହେବ । କାହାର ଘର ଉଜାଡ଼ି ଦେଇଛି ତ' କାହାର ଫସଲ ହାନୀ ହୋଇଛି । ବାତ୍ୟା ଅଧ୍ୟୁଷିତ ଅନେକ ଗାଁରେ ସମୁଦ୍ରର ଲୁଣି ପାଣି ପଶି ଯାଇଥିବା ବେଳେ ଅନେକ ରାସ୍ତାଘାଟ, ଘରଦ୍ୱାରା ଭାଂଗି ଛାରଖାର୍ କରିଦେଇଛି । ସୌଭାଗ୍ୟର ବିଷୟ ଯେ, ଓଡ଼ିଶା ସରକାର ଆନ୍ତରିକତାର ସହ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ଏହାର ସ୍ଥାୟୀ ପ୍ରତିକାର ପାଇଁ କେନ୍ଦ୍ର ସରକାରଙ୍କ ଆଗରେ ଦାବୀ ରଖିଛନ୍ତି ।

ଏ ପର୍ଯ୍ୟନ୍ତ କରୋନାର ଦ୍ୱିତୀୟ ଲହରୀର ବିପତ୍ତି ଟଳିନାହିଁ । ପ୍ରଥମ ଲହରୀ ଠାରୁ ଦ୍ୱିତୀୟ ଲହରୀ ବେଶ୍ ଘାତକ ସାବ୍ୟସ୍ତ ହୋଇ ସାରିଛି । ବର୍ତ୍ତମାନ ଏଭଳି ଏକ କାଳ ସମୟ ଆସିଛି ଯେ, ନାନା ପ୍ରକାର ଦୁଃଖ ଯାତନାରେ କଲବଲ ହେଉଛି ମାନବ ପ୍ରାଣ । ଏସବୁକୁ ଦୃଷ୍ଟି ରଖି ଓଡ଼ିଶାବାସୀ ଆହୁରି ସଚେତନ ହେବା ଅତ୍ୟନ୍ତ ଆବଶ୍ୟକ । ସରକାରଙ୍କ ଦ୍ୱାରା ଘୋଷଣା ହୋଇଥିବା ସଟ୍‌ଡାଉନ୍, ଲକ୍‌ଡାଉନ୍ ତଥା ନାଇଟ୍ କର୍ଫ୍ୟୁକୁ ସମସ୍ତେ କଡ଼ାକଡ଼ି ଭାବେ ପାଳନ କରିବା ସମାଜ ପାଇଁ ଉପକାରୀ ସିଦ୍ଧ ହେବ ।

ନିହାତି ଆବଶ୍ୟକ ନ ହେଲେ ଘରୁ ବାହାରନ୍ତୁ ନାହିଁ, ମୁହଁରେ ମାସ୍କ ଲଗାନ୍ତୁ, ସାମାଜିକ ଦୂରତା ରକ୍ଷା କରନ୍ତୁ, କୌଣସି ବି ସ୍ଥାନରେ ଅଯଥା ଭିଡ଼ ସୃଷ୍ଟି କରନ୍ତୁ ନାହିଁ, ବାରମ୍ବାର ସାବୁନ କିମ୍ବା ହେଣ୍ଡୱାସ୍‌ରେ ହାତ ଧୁଅନ୍ତୁ, ସାନିଟାଇଜର୍ ବ୍ୟବହାର କରନ୍ତୁ, ସଫା ସୁତୁରା ରୁହନ୍ତୁ, ଟିକିଏ ବି ଅସୁସ୍ଥତା ଅନୁଭବ କଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ଏବଂ ଆବଶ୍ୟକ ହେଲେ କରୋନା ପରୀକ୍ଷା କରାନ୍ତୁ । ବର୍ତ୍ତମାନ ସମୟ ପାଇଁ ସଚେତନତା ହିଁ ଜୀବନ ରକ୍ଷାର ଏକମାତ୍ର ମାଧ୍ୟମ ବୋଲି କୁହାଯାଇପାରେ ।

# ଦାରିଦ୍ରତା ସାଜିଛି ବଂଚିବାରେ ବାଧକ : ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି ଅସହାୟ ପରିବାର



ବରଗଡ଼, (ନିପ୍ର) : ବରଗଡ ଜିଲ୍ଲା ବରପାଲି ବ୍ଲକ କୁମ୍ଭାରୀ ଗ୍ରାମ ବନ୍ଦପଡା ଠାରେ ରହୁଥିବା ଗୌରଚରଣ ସାହୁ(୭୫)ଙ୍କ ଦୁଇ ପୁଅ ଝିଅ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ପୁଅ ଝିଅଙ୍କ ଚିକିତ୍ସା ବାବଦକୁ ଜମିବାଡ଼ି, ସୁନାରୁପା, ଏପରିକି ଘରର ବାସନ କୁସନ ମଧ୍ୟ ବିକ୍ରି ସରିଯାଇଛି । ହେଲେ ପୁଅ ଝିଅଙ୍କ ସ୍ୱାସ୍ଥ୍ୟରେ ଆଦୌ ସୁଧାର ଆସିନାହିଁ । ଦୁଇ ଛୁଆଙ୍କ ଚିକିତ୍ସା ନିମନ୍ତେ ସୁଦୂର ବେଙ୍ଗଲୋର ନିମହାନ୍ସ ହସ୍ପିଟାଲ, ଦିଲ୍ଲୀ ଏମ୍ସ ହସ୍ପିଟାଲକୁ ମଧ୍ୟ ନିଆଯାଇଥିବା ବେଳେ କଟକ, ବୁର୍ଲା କଥା ଆଉ କିଏ ପଚାରେ ।

ଶେଷରେ ସବୁ ସରିଯିବା ପରେ ବାର ଘର ଶୁଣ୍ଡିପିଣ୍ଡା ସାଜି ଭାଗ୍ୟକୁ ଆଦରି ନିଜ ଅର୍ଦ୍ଧ ନିର୍ମିତ କୁଡ଼ିଆ ଘରେ ସହାୟତା ଅପେକ୍ଷାରେ ଚାହିଁ ରହିଛନ୍ତି ଅସହାୟ ପରିବାର । ଗୌରଚରଣ ସାହୁ(୭୫)ଙ୍କ ପରିବାର କହିଲେ ସ୍ତ୍ରୀ ଅମ୍ବିକା ସାହୁ ସମେତ ଦୁଇ ପୁଅ ଝିଅ, ଯେଉଁମାନେ ଦିନେ ଖେଳ କୁଦ କରି ଦୌଡୁ ଥିଲେ ଏବଂ ସ୍କୁଲରେ ପାଠ ମଧ୍ୟ ପଢୁଥିଲେ । ହେଲେ ହଠାତ ଏହି ହସଖୁସିର ପରିବାରକୁ ଗ୍ରହଣ ଲାଗିଯାଇଥିଲା ଏବଂ ଗୋଟେ ପରେ ଗୋଟେ ଉଭୟ ସନ୍ତାନ ଅଜଣା ରୋଗରେ ଆକ୍ରାନ୍ତ ହୋଇ ବିକଳାଙ୍ଗ ହୋଇପଡିଥିଲେ ।

ଯେଉଁ ବୟସରେ ପୁଅ ଝିଅ ମା'ବାପାଙ୍କ ସେବା କରିବା କଥା ସେ ବୟସରେ ବୃଦ୍ଧା ବାପା ମା' ପୁଅ ଝିଅଙ୍କ ସେବା କରୁଛନ୍ତି । ଏପରିକି ସାମାନ୍ୟ ପରିଶ୍ରା, ଶୌଚ କରିବା ପାଇଁ ମଧ୍ୟ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବୋହିକି ନେବା ଆଣିବା କରିବାକୁ ପଡୁଛି । ମା' ବାପା ପିଲାଙ୍କ ଚିକିତ୍ସା ପାଇଁ ସବୁ କିଛି ବିକ୍ରି କରି ଦେଇ ଦାରିଦ୍ରତାକୁ ମଧ୍ୟ ଆଦରି ନେଲେ ଏବଂ ଏବେ ଜୀବନ ବଂଚାଇବା ପାଇଁ ଚାଲିଛି ସଂଘର୍ଷ । ସକାଳ ହେଲେ ଖାଦ୍ୟ ସଂଗ୍ରହ ପାଇଁ ଗରିବ ମା' ବାପାଙ୍କୁ ଘାରିଛି ବଡ ଚିନ୍ତା ।

ସରକାରୀ ସ୍ତରରେ ମିଳୁଥିବା ୩୫ କେଜି ଚାଉଳରେ ୨୦ ଦିନ ଚଳିଯାଉଥିବା ବେଳେ ବାକି ଦିନମାନଙ୍କରେ ଭାତ ମୁଠାଏ ପାଇଁ ବେଶ ହଟହଟା ହେବାକୁ ପଡୁଛି ବୃଦ୍ଧ ମା' ବାପାଙ୍କୁ । ଏପରିକି ବେଳେ ବେଳେ ପେଟରେ ଓଦା କନା ଦେଇ ଭୋକ ଉପାସରେ ଶୋଇବାକୁ ପଡୁଛି । ସରକାରୀ ସ୍ତରରେ ମିଳୁଥିବା କିଛି ଭତା ପଇସା ଠୁ ଢେର ଅଧିକ ହେଉଛି ଔଷଧ ବାବଦକୁ ଖର୍ଚ୍ଚ । ବାକି ଦିନ ମାନଙ୍କରେ ଅନ୍ୟ ଘରେ କୁଲି, ମଜୁରୀ କରି କିଛି ଅର୍ଥ ଉପାର୍ଜନ ହୋଇଯାଇଥାଏ । ହେଲେ ବର୍ତ୍ତମାନ କରୋନା ସାଜିଛି କାଳ । ଏପରି ଅବସ୍ଥାରେ କେମିତି ଘରେ ଚୁଲି ଜଳିବ? କେମିତି ଏମାନେ ବଂଚିବେ, ତାହା ସମୟ କହିବ ।

ଶୀଘ୍ର କିଛି ସରକାରୀ ସହାୟତା ଯୋଗାଇ ନଦେଲେ ସ୍ୱାଧୀନତାର ୭୩ ବର୍ଷ ପରେ ମଧ୍ୟ ଆମକୁ ଅନାହାରରେ ମୃତ୍ୟୁ ଭଳି ଏକ ଦୁଃଖଦ ଦୃଶ୍ୟ ଦେଖିବାକୁ ମିଳିବ ପାରେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

## ଅବସରପ୍ରାପ୍ତ ସୈନିକ ନାରାୟଣ ନାୟକଙ୍କ ପତ୍ନୀ ବିୟୋଗ



ଦେଓଗାଁ, (ନିପ୍ର) : ଦେଓଗାଁ ବ୍ଲକ ଅନ୍ତର୍ଗତ କୁତୁର୍ଲା ଗ୍ରାମ ପଞ୍ଚାୟତ ଅଧୀନ ପର୍ଶୁପାଲି ନିବାସୀ ଅବସରପ୍ରାପ୍ତ ସୈନିକ ନାରାୟଣ ନାୟକଙ୍କ ଧର୍ମପତ୍ନୀ ପଙ୍କଜିନୀ ନାୟକଙ୍କ ଆଜି ବଲାଙ୍ଗିର କିମ୍ସ୍ କୋଭିଡ୍ କେୟାର ସେଂଟର୍‌ରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଥିବା ସୂଚନା ମିଳିଛି । ସେ ମେରୁଦଣ୍ଡ ତଥା ସ୍ନାୟୁ ରୋଗରେ ପୀଡ଼ିତ ଥିବା ବେଳେ କୋଭିଡ୍ ଆକ୍ରାନ୍ତ ହେବା ପରେ ଘରେ ଆଇସୋଲେସନ୍‌ରେ ରହି ଚିକିତ୍ସିତ ହେଉଥିଲେ । ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ହେବାରୁ ତାଙ୍କୁ ବଲାଙ୍ଗିର କିମ୍ସ୍ କୋଭିଡ୍ କେୟାର୍ ସେଂଟର୍‌ରେ ଭର୍ତ୍ତି କରାଯାଇଥିଲା । ଦୀର୍ଘ ତିନି ଦିନ ଧରି ଚିକିତ୍ସିତ ହେବା ପରେ ଆଜି ପୂର୍ବାହ୍ନରେ ତାଙ୍କ ଦେହାନ୍ତ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୫୫ ବର୍ଷ ହେଉଥିଲା । ସେ ଜଣେ ମେଳାପୀ, ଧର୍ମପରାୟଣା ତଥା ପରୋପକାରୀ ମହିଳା ଭାବେ ଅଂଚଳରେ ବେଶ୍ ଜଣାଶୁଣା ଥିଲେ । ତାଙ୍କ ବିୟୋଗରେ ସାରା ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନା ଯୋଗ୍ୟ ଯେ, ସ୍ୱର୍ଗତା ପଙ୍କଜିନୀ ନାୟକ କବି, କଳାକାର ତଥା ସମାଜସେବୀ ମଧୁସୂଦନ ନାୟକଙ୍କ ଭାଉଜ ଅଟନ୍ତି ।

## କନ୍ଧମାଳ ଛାତ୍ର କଂଗ୍ରେସର ଅଭିନବ ପ୍ରୟାସ : ସପ୍ତାହନ୍ତ ସଟ୍‌ଡାଉନରେ ଭୋକିଲା ପେଟକୁ ଖାଦ୍ୟ ପ୍ରଦାନ



କନ୍ଧମାଳ, (ନିପ୍ର) : ସମଗ୍ର ଭାରତ ବର୍ଷରେ କରୋନାର ଭୟାବହ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସପ୍ତାହନ୍ତ ସଟ୍‌ଡାଉନ୍ ଘୋଷଣା କରିଛନ୍ତି । କରୋନାର କରାଳ ଦାଉରୁ ସମାଜର ନିମ୍ନବର୍ଗର ଲୋକମାନେ ଆର୍ଥିକ ଅନାଟନ ମଧ୍ୟରେ ଦିନ ବିତାଉଛନ୍ତି । କନ୍ଧମାଳର ଏପରି ଏକ ଜାଗା ଅଛି ଯେଉଁଠି କି ଲୋକେ ଦି ଓଳି ଦି ମୁଠା ଖାଇ ପାରୁନାହାନ୍ତି, ଆଉ ଏବେ ମୂଳ ମଜୁରୀ ବି ବନ୍ଦ ହୋଇଯାଇଛି । ଏହାକୁ ଦୃଷ୍ଟିରେ ରଖି କନ୍ଧମାଳ ଛାତ୍ର କଂଗ୍ରେସ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି । ବର୍ତ୍ତମାନ ଆରମ୍ଭ ହୋଇଥିବା କରୋନାର ଦ୍ୱିତୀୟ ଲହରର ସପ୍ତାହନ୍ତ ଗୁଡିକରେ ଛାତ୍ର କଂଗ୍ରେସ ସଭାପତି ଅଂଶୁମାନ ପ୍ରିୟଦର୍ଶନଙ୍କ ନେତୃତ୍ୱରେ ବାହାରକୁ ଯାଇ ପାରୁନଥିବା କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦୂତିମେଣ୍ଡି ପଂଚାୟତରେ ଥିବା ତକଳି, କୁଟିଲାଝର ଗ୍ରାମରେ ଏହି ଟିମ ପହଂଚି ଗ୍ରାମବାସୀମାନଙ୍କୁ ଖାଦ୍ୟ ପୁଡିଆ କରି ବଂଟନ କରିଥିଲେ । ଏହି ବଂଟନ କାର୍ଯ୍ୟକ୍ରମରେ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଅଂଶୁମାନ ପ୍ରିୟଦର୍ଶନଙ୍କ ସମେତ ଅମରେଶ ଦନ୍ତ, ସୁବ୍ରତ ଦଣ୍ଡିଆ, ସମୀର ଦିଗଲ, ମାନସ ନାୟକ ଓ ସୌରଭ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ସହଯୋଗର ହାତ ବଢ଼ାଇଥିଲେ । ସାଧାରଣରେ ପ୍ରଶଂସା କରାଯାଇଛି ।

## ନମ୍ବର ବିହୀନ ହୁଣ୍ଡାଇ କାର୍ ଭିତରୁ ଏକ କ୍ୱିଂଟାଲ ଗଂଜେଇ ସହ ଗାଡି ଜବତ କଲା ପୁଲିସ




ସୁବର୍ଣ୍ଣପୁର, (ନିପ୍ର) : ନମ୍ବର ବିହୀନ ହୁଣ୍ଡାଇ କାର ଭିତରୁ ଏକ କ୍ୱିଂଟାଲ ଗଞ୍ଜାଇ ସହ ଗାଡି ଜବତ କରିଛି ପୁଲିସ ବୋଲି ଖବର ମଳିଛି । ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଅନ୍ତର୍ଗତ ହିକୁଡି ବିଟ୍ ହାଉସ ଆଗ ଟୋଲ୍‌ଗେଟ୍‌ରେ ପେଟ୍ରୋଲିଂ କରୁଥିବା ସମୟରେ ଏକ ନମ୍ବର ବିହୀନ ହୁଣ୍ଡାଇ କାର୍ ଟୋଲ୍‌ଗେଟ୍‌ରେ ଧକ୍କା ଦେଇ ପଳାଇବା ପାଇଁ ଚେଷ୍ଟା କରୁଥିଲା । ସଂଦେହରେ ବୀରମହାରାଜପୁର ପୁଲିସ ଉକ୍ତ ଗାଡିକୁ ଗୋଡେଇବାରୁ ଭୟରେ ରାସ୍ତା ନପାଇ ବୀରମହାରାଜପୁର ଥାନା ଅନ୍ତର୍ଗତ ସହରୀପାଲି ଗାଁ ଭିତରକୁ ଗାଡ଼ଟି ପୂରେଇ ଦେଇ ସେଠାରେ ଗାଡ଼ଟି ଛାଡ଼ି ଚମ୍ପଟ ମାରିଥିଲା ଅଭିଯୁକ୍ତ । ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ଭଳି ଉକ୍ତ ଗାଡ଼ିରେ ଏକ କ୍ୱିଂଟାଲ ଗଞ୍ଜେଇ ବାହାରି ଥିଲା । ଘଟଣା ସ୍ଥଳରେ ବୀରମହାରାଜପୁର ଏସ୍.ଡି.ପି.ଓ, ଥାନା ଅଧିକାରୀ ପହଂଚି ଗ୍ରାମବାସୀଙ୍କ ଉପସ୍ଥିତରେ ଗଂଜେଇ ଓଜନ କରି ଗାଡ଼ିଟିକୁ ବୀରମହାରାଜପୁର ଥାନାକୁ ନିଆଯାଇଛି । ଏହି ଗଂଜେଇର ଅନୁମାନିକ ମୁଲ୍ୟ ପାଂଚ ଲକ୍ଷ ହେବ ବୋଲି ଜଣାପଡ଼ିଛି ଏବଂ ଏଥିରେ ଆଉ କିଏ ସମ୍ପୃକ୍ତ ଅଛନ୍ତି ପୋଲିସ ଅନୁସଂଧାର ଜାରି ରଖିଛି ।

# ଅଜବ ଘଟଣା : ବିନା କିଣା ବିକାରେ ମିଥ୍ୟା ବ୍ୟକ୍ତିଙ୍କ ନାମରେ ଜମି ପଟ୍ଟା


ପଦ୍ମପୁର, (ନିପ୍ର) : ପଦ୍ମପୁର ଉପଖଣ୍ଡ ବିଜେପୁର ତହସିଲ ଅନ୍ତର୍ଗତ ବାଦିମାଲ ଗ୍ରାମରେ ଆଜକୁ ପ୍ରାୟ ୩୦ବର୍ଷ ପୂର୍ବେ ଏକ ଅଜବ ଘଟଣାର ବିବରଣୀ ଶୁଣିବାକୁ ମିଳୁଛି । ଏହି ବିଷୟରେ ତପିସା ନାମ୍ନୀ ଆଦିବାସୀ ମହିଳା ତପିସା ଭୋଇ ପ୍ରଶାସନର ଆଶ୍ରୟ ନେବା ସତ୍ତ୍ୱେ କୌଣସି ଫଳ ମିଳିନି । ଏହି ବାବଦରେ ଗତ ତା ୮/୪/ ୨୧ରେ ପଦ୍ମପୁର ଉପ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ତପିସା ଭୋଇ ବିଜେପୁର ତହସିଲ ଅନ୍ତର୍ଗତ ବାଦିମାଲ ଗ୍ରାମର ସ୍ୱର୍ଗତ କୃଷ୍ଣ ଭୋଇଙ୍କର ବଡ ଝିଅ ଅଟନ୍ତି । ତାଙ୍କର ବାପା ୨୦୧୮ ମସିହାରେ ମୃତ୍ୟୁବରଣ କରିଛନ୍ତି । ବାଦିମାଲ ଗ୍ରାମରେ ସ୍ୱର୍ଗତ ଭୋଇଙ୍କର ଖାତା ନଂ ୨୭ରେ ଏକ ଏକର ଜମି ବାଦିମାଲ ପଦ୍ମପୁରରୁ ବିଜେପୁର ମୁଖ୍ୟ ରାସ୍ତା ପୁଜିଂପଥର ଛକରେ ଅଛି । ତାଙ୍କର ବାପା ଜୀବିତ ଅବସ୍ଥାରେ ଥିବା ସମୟରେ ତାଙ୍କର ଅଜାଣତରେ ୧୯୯୧ ମସିହାରେ ମିଥ୍ୟା ବ୍ୟକ୍ତିଙ୍କର ନାମରେ ବିକ୍ରୟ ସୂତ୍ରରେ ୨୪ ଡିସିମିଲ୍ ରେଜିଷ୍ଟ୍ରି ହୋଇ ଖାତା ନଂ ୨୦୨/ ୧୪୮ ଖାତାକୁ ରେକର୍ଡ ହୋଇଯାଇଛି । କିନ୍ତୁ ଯେଉଁ ବ୍ୟକ୍ତିଙ୍କର ନାମରେ ୨୪ ଡିସିମିଲ୍ ପଟ୍ଟା ରେକର୍ଡ ହୋଇଯାଇଛି, ସେହି ବ୍ୟକ୍ତି ଜଣକ ଲାଲ କର୍ରି, ପି. ଘାସି କର୍ରି ବୋଲି ରେକର୍ଡ ନଥିବା ବେଳେ ସେହି ବ୍ୟକ୍ତିଙ୍କୁ ଅନୁସନ୍ଧାନ କରିବାରୁ ଲାଲ କର୍ରି ବୋଲି ଚାରପାଲି ଗ୍ରାମରେ କେହି ନଥିବା ଜଣାପଡିଛି ।






ପୁଣି ସେହି ଜମି ୨୦୨/ ୧୪୮ ଖାତାରେ ଥିବା ମାଲଗୁଜାରୀ ମଧ୍ୟ ଅସୁଲି ହେଉନାହିଁ । ଉକ୍ତ ଜମିର ଖଜଣା କୃଷ୍ଣ ଭୋଇଙ୍କ ନାମରେ କଟୁଛି । ପ୍ରକାଶ ଥାଉ କି ଜନୈକ ବ୍ୟକ୍ତି ସେହି ୨୪ ଡିସିମିଲ ଜମିରେ ଦୋକାନ ବସାଇଛି । ଏହି ସମସ୍ତ ବିଷୟ ଜାଣି ତପିସା ଭୋଇ ଉକ୍ତ ଜମିକୁ ଫେରାଇ ଆଣିବା ପାଇଁ ପ୍ରଶାସନର ଦ୍ୱାରସ୍ଥ ହେଲେ ମଧ୍ୟ କିଛି ଫଳପ୍ରଦ ହୋଇନାହିଁ । ତେଣୁ ଏହାର ସତ୍ୟାସତ୍ୟ ତଦନ୍ତ କରି ନୂତନ ଭାବରେ ଯୋଗଦାନ କରିଥିବା ଉପ ଜିଲ୍ଲାପାଳ ସଦୟ ହୋଇ ହଡ଼ପ ହୋଇଥିବା ଆଦିବାସୀ ଜମିର ପର୍ଦ୍ଦାଫାସ କରି ଉକ୍ତ ଜମିକୁ ଖାତା ନଂ ୨୭କୁ ଫେରାଇ ଆଣିବା ପାଇଁ ଦାବୀ କରିଛନ୍ତି ।

# ବଲାଙ୍ଗିର ଜିଲ୍ଲାରେ ଖସୁଛି କରୋନା ସଂକ୍ରମିତଙ୍କ ସଂଖ୍ୟା : ତଥାପି ଆହୁରି ସଚେତନତା ଲୋଡ଼ା



ବଲାଙ୍ଗିର, (ନିପ୍ର) : କ୍ରମାଗତ ଭାବେ ବଲାଙ୍ଗିର ଜିଲ୍ଲାରେ କରୋନା ସଂକ୍ରମଣ ସଂଖ୍ୟା ଖସିବାରେ ଲାଗିଛି । ଏପରିକି ଆଜି ଶହେ ତଳକୁ ଖସିଛି ଦୈନିକ ସଂକ୍ରମିତଙ୍କ ସଂଖ୍ୟା । କିନ୍ତୁ ତଥାପି ସଚେତନତାର ଆବଶ୍ୟକତା ରହିଛି । କରୋନାର ତୃତୀୟ ଲହରକୁ ନେଇ ନାନା ପ୍ରକାର ଆଲୋଚନା ପର୍ଯ୍ୟାଲୋଚନା ତଥା ଆଶଙ୍କା ଲାଗି ରହିଥିବା ବେଳେ ବର୍ତ୍ତମାନ ମଧ୍ୟ ଦ୍ୱିତୀୟ ଲହର ରାଜ୍ୟରେ ତାର କାୟା ବିସ୍ତାରରୁ ଓହରିନାହିଁ । ପ୍ରତ୍ୟହ ଅନେକ ନିରୀହ ପ୍ରାଣ ନେଉଛି କରୋନା । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ବଲାଙ୍ଗିରବାସୀ କରୋନା ସଂକ୍ରମଣକୁ ହାଲୁକା ଭାବରେ ନନେଇ ସଚେତନ ରହିବା ଏକାନ୍ତ ଆବଶ୍ୟକ ବୋଲି କୁହାଯାଉଛି । ଅତ୍ୟନ୍ତ ଆବଶ୍ୟକ ନ ହେଲେ ଘରୁ ନବାହାରିବା, ମୁହଁରେ ମାସ୍କ ଲଗାଇବା, ସାମାଜିକ ଦୂରତା ରକ୍ଷା କରିବା, ସାନିଟାଇଜର୍ ବ୍ୟବହାର କରିବା, ବାରମ୍ବାର ହାତ ଧୋଇବା ତଥା ପରିବେଶ ସ୍ୱଚ୍ଛ ରଖିବା ଦିଗକୁ ବିଶେଷ ଧ୍ୟାନ ଦିଆଯିବା ଅତ୍ୟନ୍ତ ଆବଶ୍ୟକ । ସମସ୍ତେ ସଚେତନ ହେଲେ କରୋନାକୁ ପରାସ୍ତ କରାଯାଇ ପାରିବ ।

# କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ




ବଲାଙ୍ଗିର, (କେପିଏନ୍ଏସ୍) : ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷା ଶ୍ରୀମତୀ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଧିକରଣର ସଚିବ ଦେବାଶିଷ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିକଳ୍ପ ସମାଧାନ କେନ୍ଦ୍ର, ବଲାଙ୍ଗିରର ସଭାଗୃହ ଠାରେ ଅନଲାଇନ୍ ମାଧ୍ୟମରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସଂପର୍କରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସିଭିଲ୍ ଜଜ୍ (କନିଷ୍ଠ ବିଭାଗ) ଶ୍ରୀମତୀ ସସ୍ମିତା ସେଠୀ କଠିନ ବର୍ଜ୍ୟବସ୍ତୁ ପରିଚାଳନାର ବିଭିନ୍ନ ମାର୍ଗ ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ଏହା ପରେ ଡିଏସ୍‌ପି. ଅମ୍ରିତ କୁମାର ପଣ୍ଡା ମଧ୍ୟ କଠିନ ବର୍ଜ୍ୟବସ୍ତୁର ପୃଥିବୀ ଉପରେ ପଡୁଥିବା ପ୍ରଭାବ ଏବଂ ଏହାର ନିରାକରଣ ସଂବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ପରିଶେଷରେ ପ୍ରାଧିକରଣର ସଚିବ ପ୍ରାଧିକରଣ ଦ୍ୱାରା ପରିଚାଳିତ ବିଭିନ୍ନ ଆଇନ ସହାୟତା ଯୋଜନା ଯେପରିକି ଏନ୍‌ସିଏ, ଆପୋଷ ବୁଝାମଣା ମାଧ୍ୟମରେ ସମସ୍ୟାର ସମାଧାନ, ଲୋକ ଅଦାଲତ ସଂପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଏହାସହିତ ବର୍ତ୍ତମାନ ସାରା ବିଶ୍ୱକୁ କବଳିତ କରିଥିବା କରୋନା ମହାମାରୀ ଠାରୁ ଦୂରରେ ରହିବା ପାଇଁ ବିଭିନ୍ନ ସତର୍କତା ପନ୍ଥା ଅବଲମ୍ବନ କରିବା ପାଇଁ ପ୍ରବର୍ତ୍ତାଇବା ସହ କରୋନା ସମୟରେ ବ୍ୟବହୃତ ବିଭିନ୍ନ କଠିନ ବର୍ଜ୍ୟବସ୍ତୁର ପରିଚାଳନା ସମ୍ବନ୍ଧରେ ଆଲୋକପାତ କରିଥିଲେ ।

# ରବି ଧାନ କିଣା ବିକାରେ ବ୍ୟାପକ ଅବ୍ୟବସ୍ଥା, ଧାନ ବିକ୍ରି ପାଇଁ ତୁରନ୍ତ ମୁଖ୍ୟମନ୍ତ୍ରୀ ସମୀକ୍ଷା ବୈଠକ ଡାକନ୍ତୁ : ପ୍ରଦୀପ ପୁରୋହିତ



ପଦ୍ମପୁର, (ନିପ୍ର) : ମେ ୫ ତାରିଖରୁ ରବି ଧାନ କ୍ରୟ ପାଇଁ ରାଜ୍ୟରେ ମଣ୍ଡି ବ୍ୟବସ୍ଥା ଚାଲୁ ହୋଇଥିବା ବେଳେ ଧାନ କିଣା ବିକା ଆରମ୍ଭରୁ ବ୍ୟାପକ ଅବ୍ୟବସ୍ଥା ଦେଖା ଦେଇଛି । ଅନ୍ୟ ଉପାୟ ନ ପାଇ ଖୋଲା ବଜାରରେ ଏବେ ୧ ହଜାର ଟଙ୍କାରେ ଚାଷୀ ଧାନ ବିକ୍ରି କରିବା ପାଇଁ ବାଧ ହେଉଛନ୍ତି ବୋଲି ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ, ରାଜ୍ୟ ସରକାର ଯେତେ ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକନ ଯୋଗାଇ ଦେଇଥିଲେ । ପାଖାପାଖି ୧୦ରୁ ୨୦ ଭାଗ ଚାଷୀଙ୍କ ଟୋକନ ଲେପ୍ସ ହୋଇ ସାରିଲାଣି । ମିଲର୍ସ ମାନଙ୍କ ଉପରେ ରାଜ୍ୟ ସରକାର ନିୟନ୍ତ୍ରଣ କରୁ ନଥିବାରୁ ମିଲର୍ସ ମାନେ ନିଜ ମର୍ଜି ମୁତାବକ ମଣ୍ଡିରୁ ଧାନ ଉଠାଉଛନ୍ତି ଓ ପ୍ରତି କ୍ୱିଣ୍ଟାଲରେ ୫ କେଜିରୁ ୬ କେଜି ଧାନ କଟନି ଛଟନି କରୁଛନ୍ତି ବୋଲି ଶ୍ରୀ ପୁରୋହିତ ଗୁରୁତର ଅଭିଯୋଗ କରିଛନ୍ତି ।

ଟୋକନ ବ୍ୟବସ୍ଥାରେ ବ୍ୟାପକ ଅନିୟମିତା ଦେଖାଦେଉଛି । ଡିପ୍ ବୋରୱେଲରେ ଚାଷୀ କରୁଥିବା ଚାଷ ଅଢ଼େଇ ଏକର ଜମିର ଧାନ ୬୪ କ୍ୱିଂଟାଲ କିଣିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ବେଳେ ୮୦ ଭାଗ ଡିପ୍ ବୋରୱେଲ ଚାଷୀ ଟୋକନରେ ବ୍ୟାପକ ଅବ୍ୟବସ୍ଥା ହୋଇଛି । ସରକାର ଚାଷୀଙ୍କୁ ଯୋଗାଇ ଦେଇଥିବା ଟୋକନରେ ୧ କ୍ୱିଂଟାଲ, ୨ କ୍ୱିଂଟାଲ, ୫ କ୍ୱିଂଟାଲ ଧାନ ବିକ୍ରି ପାଇଁ ଚିଠି ଆସିଥିବାରୁ ଚାଷୀ ମାନେ ହତାଶ ହୋଇ ପଡ଼ିଛନ୍ତି । ବରଗଡ, ବଲାଙ୍ଗିର, ସୋନପୁର, କଳାହାଣ୍ଡି, କେନ୍ଦୁଝର, ନୂଆପଡା ବହୁ ଜିଲ୍ଲାରେ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି । ଚାଷୀଙ୍କୁ କାଳିଆ ଯୋଜନାର ୨ ହଜାର ଟଙ୍କା ପ୍ରଦାନ କରି ଆପଣ ମାନେ ଖୁସି ତ କହି ଚାଷୀଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ 'ଏପ୍ରିଲ ଫୁଲ' କରି ଦେଲେ ବୋଲି ଶ୍ରୀ ପୁରୋହିତ କ୍ଷୋଭ ପ୍ରକାଶ କରିଛନ୍ତି । ଯାସ୍ ବାତ୍ୟା ଟଳିଯିବା ପରେ ଏବେ ରାଜ୍ୟରେ ଚାଷୀ ମାନଙ୍କ ଧାନ ବିକ୍ରି ମୁଖ୍ୟ ସମସ୍ୟା ହୋଇ ରାଜ୍ୟରେ ଠିଆ ହୋଇଛି । ଯଦି ପ୍ରକୃତରେ ଚାଷୀଙ୍କ ପ୍ରତି ଓଡିଶା ସରକାରଙ୍କ ଦରଜ ଅଛି ତେବେ ତୁରନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଖାଦ୍ୟ ଯୋଗାଣ ବିଭାଗର ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରନ୍ତୁ ଓ ଏବେ ଯେଉଁ କୋଟି କୋଟି ଟଙ୍କା ଶୋଷଣର ଶୀକାର ହେବାକୁ ଯାଉଥିବା ଚାଷୀଙ୍କୁ ଏଥିରୁ ସୁରକ୍ଷା ଦେବାର ବ୍ୟବସ୍ଥା କରନ୍ତୁ ବୋଲି ଶ୍ରୀ ପ୍ରଦୀପ ପୁରୋହିତ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଠାରେ ଦାବୀ କରିଛନ୍ତି ।

# ଯୁବ ସାମ୍ବାଦିକ ଅସିତ କୁମାର ବେହେରାଙ୍କ ପ୍ରାଣ ନେଲା କରୋନା

ବାରିପଦା : କରୋନାର ମୃତ୍ୟୁ ଖେଳ ଜାରି ରହିଥିବା ବେଳେ ରାଜ୍ୟରୁ ଆଉ ଜଣେ ଯୁବ ସାମ୍ବାଦିକଙ୍କ ଜୀବନ ହାନୀ ଘଟିଥିବା ସୂଚନା ମିଳିଛି । କନକ ନ୍ୟୁଜର କରଞ୍ଜିଆ ପ୍ରତିନିଧି ଅସିତ କୁମାର ବେହେରାଙ୍କ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଛି । ସେ କରୋନା ସଂକ୍ରମିତ ହୋଇ ବାରିପଦାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଶେଷରେ କରୋନା ଛଡ଼େଇ ନେଲା ଅସିତଙ୍କୁ ଜଗତରୁ । ତାଙ୍କ ବିୟୋଗରେ ସାମ୍ବାଦିକ ଜଗତରେ ଶୋକର ଛାୟା ଖେଳିଯାଇଛି । ସୂଚନାଯୋଗ୍ୟ ଯେ, କରୋନା ମହାମାରୀ ଅନେକ ସାମ୍ବାଦିକଙ୍କ ଅମୂଲ୍ୟ ଜୀବନ ନେବାରେ ଲାଗିଛି ।

# ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭ ଲେଖକ ବସନ୍ତ ଦାସଙ୍କ ପରଲୋକ

## ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ନିପ୍ର) : ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭ ଲେଖକ ବସନ୍ତ ଦାସ(୮୧)ଙ୍କ ଦେହାନ୍ତ ହୋଇଯାଇଛି । କୋଭିଡ଼ ଦ୍ୱାରା ଆକ୍ରାନ୍ତ ହେବା ପରେ ସେ ଭୁବନେଶ୍ୱର କିମ୍ସ୍ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିଲେ । ଜଣେ ବରିଷ୍ଠ ସାମ୍ବାଦିକ ତଥା ସୁଲେଖକ ଭାବରେ ସେ ବିଶେଷ ସୁନାମ ଅର୍ଜନ କରିଥିଲେ । ନିକଟରେ ପ୍ରକାଶିତ ତାଙ୍କ ପୁସ୍ତକ 'ପୋଲିଟିକାଲ୍ ହିଷ୍ଟ୍ରି ଅଫ୍ ମୋଡର୍ଣ୍ଣ ଓଡ଼ିଶା' ବେଶ୍ ଜନାଦୃତ ହୋଇଥିଲା । ୧୬ ଖଣ୍ଡ ଅମୂଲ୍ୟ ପୁସ୍ତକ ରଚନା କରି ସ୍ୱର୍ଗତ ଦାସ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । ତାଙ୍କ ଦ୍ୱାରା ଲିଖିତ 'ଯେ ଦେଶ ଯାଇ, ସେ ଫଳ ଖାଇ' ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ହୋଇଥିଲା ।

# ବଲାଙ୍ଗିର ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ଭର୍ଚୁଆଲ ବୈଠକ : ସମ୍ଭାବ୍ୟ ବନ୍ୟା ଓ ବାତ୍ୟାର ମୁକାବିଲା ସକାଶେ ବିଭାଗୀୟ ପ୍ରାକ୍ ପ୍ରସ୍ତୁତିର ସମୀକ୍ଷା

**ବଲାଙ୍ଗିର ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ଭର୍ଚୁଆଲ ବୈଠକ**

ବଲାଙ୍ଗିର, (ନିପ୍ର) : ଭର୍ଚୁଆଲ୍ ମାଧ୍ୟମରେ ବଲାଙ୍ଗିର ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଜିଲ୍ଲାପାଳ ଚଂଚଳ ରାଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଭର୍ଚୁଆଲ ବୈଠକରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ, ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର, କଂଟାବାଂଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେର, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ମହାନନ୍ଦ, ସମସ୍ତ ପଂଚାୟତ ସମିତିର ଅଧକ୍ଷ / ଅଧକ୍ଷା, ପିଡି ଡିଆର୍‌ଡିଏ ଡ.ମହେଶ୍ୱର ସ୍ୱାଇଁ, ପିଡ଼ି ଡ୍ରଡ୍ରା ସୁଦର୍ଶନ ସାଏଙ୍କ ସମେତ ସମସ୍ତ ବିଡ଼ିଓ, ତହସିଲଦାର, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ପୌର ପରିଷଦ ଓ ଏନ୍‌ଏସିର ନିର୍ବାହୀ ଅଧିକାରୀ, ଓଡ୍ରାଫ୍ ଓ ଅଗ୍ନିଶମ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲାପାଳ ସ୍ୱାଗତ ଜଣାଇବା ସହ ଜିଲ୍ଲାରେ କୋଭିଡ଼ ପରିଚାଳନାରେ ଜନପ୍ରତିନିଧି, ଅନୁଷ୍ଠାନ, ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କ ସହଯୋଗ ପାଇଁ ସାଧୁବାଦ ଜଣାଇବା ସହ ଆଗାମୀ ଦିନରେ ମଧ କୋଭିଡ଼ ମହାମାରୀର ମୁକାବିଲା ପାଇଁ ଅନୁରୂପ ସହଯୋଗ କାମନା କରିଥିଲେ । ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ, ବନ୍ୟା ଓ ବାତ୍ୟାର ମୁକାବିଲା ନିମନ୍ତେ ଆଗୁଆ ପଦକ୍ଷେପ ନେବା ସହ ଏହାର ସୁପରିଚାଳନା ନିମନ୍ତେ ବିଭାଗୀୟ ଅଧିକାରୀ ତଥା କ୍ଷେତ୍ର କର୍ମଚାରୀମାନେ ସଜାଗ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ବନ୍ୟା ଦ୍ୱାରା ଯେଉଁ ଅଂଚଳଗୁଡିକ ବିଶେଷ ଭାବେ ପ୍ରଭାବିତ ହେବାର ଆଶଙ୍କା ଅଛି, ସେହି ଅଂଚଳ ଗୁଡ଼ିକୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଗତ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନଦୀବନ୍ଧ, ଚେକ୍ ଡ୍ୟାମ୍ ଗୁଡ଼ିକୁ ଯଥାଶୀଘ୍ର ମରାମତି କରାଯିବା ଉପରେ ବୈଠକରେ ଆଲୋଚନା ହୋଇଥିଲା । ବର୍ଷା ପୂର୍ବରୁ ଜିଲ୍ଲାର ପୌର ପରିଷଦ ଓ ଏନ୍‌ଏସି ଅନ୍ତର୍ଗତ ସମସ୍ତ ୱାର୍ଡ ଓ ବସ୍ତିଗୁଡ଼ିକରେ ଥିବା ଡ୍ରେନ୍ ଗୁଡ଼ିକୁ ସଫା କରିବା ନିମନ୍ତେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ଉପରେ ଆଲୋଚନା ହୋଇଥିଲା । ଲକ୍ଷ୍ମୀଜୋର ବନ୍ୟା ସୁରକ୍ଷା ତଟବନ୍ଧ ନିମନ୍ତେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଇ ମୌସୁମୀ ପୂର୍ବରୁ ଏ ସଂପର୍କିତ ସମସ୍ୟାର ସମାଧାନ ଉପରେ ମଧ ଆଲୋଚନା ହୋଇଥିଲା । ବନ୍ୟା ପ୍ରବଣ ଅଂଚଳ ଓ ଦୁର୍ଗମ ଅଂଚଳରେ ଆବଶ୍ୟକ ସାମଗ୍ରୀ ଯଥା ଚୂଡ଼ା, ଚାଉଳ, ଗୁଡ଼, କିରୋସିନ ଇତ୍ୟାଦି ସାମଗ୍ରୀ ଯଥେଷ୍ଟ ପୂର୍ବରୁ ମହଜୁଦ କରି ରଖିବା, ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ଓ ଉପଖଣ୍ଡ ଚିକିତ୍ସାଳୟ ଗୁଡ଼ିକରେ ଆବଶ୍ୟକ ପରିମାଣରେ ଔଷଧ, ହେଲୋଜେନ୍ ବଟିକା, ବ୍ଲିଚିଂ ପାଉଡ଼ର, ଓଆର୍‌ଏସ୍ ପ୍ୟାକେଟ୍ ଇତ୍ୟାଦି ମହଜୁଦ ରଖିବା ସହ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ସାପ କାମୁଡ଼ା ଇଂଜେକ୍‌ସନ୍ ଉପଲବ୍ଧ କରାଇବା ଉପରେ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

ସେହିପରି ଗ୍ରାମାଂଚଳ ଓ ସହରାଂଚଳ ଗୁଡ଼ିକରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ତଥା ପରିମଳ ବ୍ୟବସ୍ଥାକୁ ସୁବନ୍ଦୋବସ୍ତ କରିବା, ଆବଶ୍ୟକତା ଅନୁସାରେ ସାର ଓ ବିହନ ମହଜୁଦ କରି ରଖିବା, ସାରର କଳାବଜାରୀ ରୋକିବା ନିମନ୍ତେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା, ପ୍ରାଣୀ ସଂପଦର ସୁରକ୍ଷା ସକାଶେ ଜିଲ୍ଲାର ସମସ୍ତ ପ୍ରାଣୀଧନ କେନ୍ଦ୍ର ନିୟମିତ କାର୍ଯ୍ୟକ୍ଷମ କରିବା ଉପରେ ସୁନିଶ୍ଚିତ କରିବା ସହ ଆବଶ୍ୟକ ଔଷଧ ରଖିବା ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ସମ୍ଭାବ୍ୟ ବନ୍ୟା ଓ ବାତ୍ୟାର ମୁକାବିଲା ନିମନ୍ତେ ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା କାର୍ଯ୍ୟ ଖସଡ଼ା ସଂପର୍କରେ ବୈଠକରେ ସୂଚନା ଦେଇଥିଲେ । ବୈଠକ ଶେଷରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ରୀନା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



## ଗୋପବନ୍ଧୁ

**ସାବିତ୍ରୀ ସାହୁ**

ଗୋପବନ୍ଧୁ...
ସାଧନାର ସିନ୍ଧୁ ହେ...
ଗୋପବନ୍ଧୁ !
ଗୋପ ନୁହେଁ ତୁମେ
ପ୍ରତି ଜନ ବନ୍ଧୁ
ହେ ଗୋପବନ୍ଧୁ !

ସଂଗ୍ରାମୀ ସାଜି
ଦେଶ ଜାତି ପାଇଁ
ହସି ହସି ହେଲ ବନ୍ଦୀ
ବନ୍ଧୁ ପରିଜନ
ଆତ୍ମୀୟ ସ୍ୱଜନ
ପାରିଲେନି ରଖି ବାନ୍ଧି ।
ସାଧନାର ସିନ୍ଧୁ ହେ...ଗୋପବନ୍ଧୁ !

ସମାଜ ସୁଧାର
ଶିକ୍ଷାର ପ୍ରସାର
ହୋଇଥିଲା ତୁମ ଧ୍ୟେୟ
ଦେବଦୂତ ସାଜି
ମର୍ତ୍ତ୍ୟେ ବତତରି
ସେବାରେ ରଖିଲ ଲୟ ।
ସାଧନାର ସିନ୍ଧୁ ହେ...ଗୋପବନ୍ଧୁ !

ତୁମରୀ ଲେଖନୀ
କହୁଛି କାହାଣୀ
ଭରିଦିଏ ଅଶ୍ରୁ ବିନ୍ଦୁ
ତୁମରି ପ୍ରତିଭା
ଯୋଛନା ଯେସନେ
ତୁମେ ଧରାପୃଷ୍ଠ ଇନ୍ଦୁ ।
ସାଧନାର ସିନ୍ଧୁ ହେ...ଗୋପବନ୍ଧୁ !

ତୁମରି ଆଶିଷ
ଲୋଡ଼େ ଏ ଜଗତ
ଖ୍ରୀଷ୍ଟିଆନ୍ ଅବା ହିନ୍ଦୁ
ଏ ମାନବ ଜାତି
ପାଇବ ମୁକତି
ଝରାଅ କରୁଣା ବିନ୍ଦୁ ।
ସାଧନାର ସିନ୍ଧୁ ହେ...ଗୋପବନ୍ଧୁ !



**ସହକାରୀ ଶିକ୍ଷୟତ୍ରୀ**
**ସରକାରୀ ଉ.ପ୍ରା.ବିଦ୍ୟାଳୟ**
**ବାଂଜିପାଲି, ଖପ୍ରାଖୋଲ**

# କେତୋଟି ହୃଦୟ ଅଛି

**ମୃଗେଶ ବୈଷ୍ଣବ ପାଣିଗ୍ରାହୀ**

ଏମିତିରେ ତ
ମୋର ଦୁଇଟି ହୃଦୟ ଥିବା କହେ ପ୍ରେମିକା,
ଗୋଟାକୁ ସ୍ତ୍ରୀ ପାଖରେ ସମର୍ପିଛି
ଆରଟିକୁ କବିତା ପାଇଁ
ତାଲା ପକେଇ ସାଇତି ଦେଇଛି ।

ପୃଥିବୀକୁ ପଛ କରି ଦେଇ
ଫେରି ଯାଉଥିବା ସୂର୍ଯ୍ୟ ପରି
କ'ଣ ସହଜ ହେଇପାରେ
ହୃଦୟର ଭାଗ ବଂଟା,

ମୁଁ ଚିରକାଳ ବଂଧା ପଡେ
ନିରୀହ ସକାଳର ମୋହରେ
ରାତିର ଅଂଧାର ବାଂଟୁଥିବା
ଆକାଶର ବିସ୍ତୀର୍ଣ୍ଣ ଶୂନ୍ୟ ଛାତିରେ ।

ଫେରି ଯାଉଥିବା ଋତୁ ପରି
ମୁଁ ଆଂକି ଦେଇ ପାରେ
କିଛିଟା ସ୍ମୃତିର ଚିତ୍ର ମନ ଚୈତନ୍ୟରେ,

ଧୂ ଧୂ ଖରା ବେଳର ପ୍ରେମ
ଲିଭି ଯାଉଥିବା ସଂଜ ସଳିତାର ଗପ
ଆଉ କେବେ ନଈବାଲିର ଦେହରେ
ଚୋରା ମଳୟ ।

ପ୍ରେମିକା କହିପାରେ
ତାର ମଂଜୁଆତି ରଂଗରେ
ଲୁଚେଇ ଲେଖିଛି ମୋର ନାଁ,
ହଳକ ପାଉଁଜିର ଶବ୍ଦରେ
ବାଂଧି ଦେଇଛି କାଳେ
ମୋର ସମଗ୍ର ଆୟୁଷ୍କାଳର ନୀରବତା ।

ମୋତେ ଶବ୍ଦ ମାଗେ
ବିରହର ଶାନ୍ତି ମାଗେ
ନୀରବ ସଂଜ ବେଳାର
ଚୁପ୍‌ଚାପ୍ ଆକାଶ ମାଗେ,
ରକ୍ତଝରା ଜହ୍ନ ମାଗେ
ଝରି ପଡୁଥିବା ତାରା ଓ
ଫୁଲଙ୍କର ପାଖୁଡା ମାଗେ ।






ସତକୁ ସତ
ଶୂନ୍ୟ ହାତ ନେଇ
ମୁଁ ଛିଡା ହୁଏ ତା'ରି ଆଗରେ ।

ତା'କୁ ଦେବାକୁ
ନା ଶବ୍ଦ ଅଛି
ନା ନୀରବ ସଂଜ ବେଳା
ନା ଶୂନ୍ୟ ଆକାଶ ଅଛି
ନା ରକ୍ତଝରା ଜହ୍ନ କି
ଝରି ପଡୁଥିବା ତାରା କି ଫୁଲ ଅଛି ।

ମୋତେ ଲାଗିଲାଣି
ମୋର ଦୁଇଟି ହୃଦୟ ଅଛି
ଗୋଟିଏକୁ ସ୍ତ୍ରୀ ପାଖରେ ସମର୍ପିଛି
ଆରଟି କବିତା ପାଇଁ ତାଲା ପକେଇ
ସାଇତି ରଖିଛି ।

ଆଉ ପ୍ରେମିକା ପାଇଁ
କାମନାର କଂକାଳରେ
ରକ୍ତ, ମାଂସ ଲଗେଇ
ପ୍ରେମ ପ୍ରେମ ବୋଲି
ଛଳନାର ଦୁଂଦୁଭି ବଜଉଛି,
ପ୍ରତାରଣାର ତୂରିରେ ଚତୁର୍ଦିଗ କଂପେଇ
ଆଂଜୁଳାଏ ଶୂନ୍ୟତାକୁ ବୋଲି ଦେଉଛି,

ଏବେ ନିଜେ ଭାବ
ମୋର କେତୋଟି ହୃଦୟ ଅଛି ।



**ଅର୍ଘ୍ୟରୂପା, ଆଦର୍ଶ ପଡା, ବଲାଂଗିର - ୨**
**ମୋ. - ୯୬୫୮୫୭୭୫୮୦**

# ପୁନର୍ନବା

**ମାଧୁରୀ ପଣ୍ଡା**

ସରି ସରି ଆସେ ସମୟ
ଏଥର ତ
ନୀରବତାକୁ ଭାଙ୍ଗିଦେ'
କାଳେ ଡେରି ହେଇଯିବ
ତୁ ମୁହଁ ଖୋଲିଲା ବେଳେ
ମୁଁ ହିଁ ନୀରବି ଯାଇଥିବି ।

କୁଢକୁଢ
ଶବଙ୍କ ଶୋଭାଯାତ୍ରାରେ
ଉତ୍ସବମୁଖର ଏ ସମୟ,
ପାଣି, ପବନରେ ବି
ଘୁରି ବୁଲୁଛି ଆତତାୟୀ
ଅବେଳରେ
ଛୋଟ ହେଇଯାଏ ଜୀବନ ।

ତୁ ବାହାର ତ'
ନୀରବତାର ସୁଡଙ୍ଗରୁ
ଜୀବନକୁ ଆମେ
ଆଉ ଟିକେ
ପ୍ରେମାୟିତ କରି ତୋଳିବା





ଗୋଟିଏ ଆଲିଙ୍ଗନରେ
ସବୁ ପ୍ରଶ୍ନର ଉତ୍ତର
ଖୋଜିନେବା ।

ଜୀବନକୁ ମୁଁ
ପ୍ରେମରେ ଦେଖେ,
ତତେ ଆବାହନ କରେ
ତୁ ଯା ନ କହିବା ଯାଏଁ
ତୋ ପାଖେ ହିଁ ଥାଏ ।

ଯେତେ ମତେ ଭାଙ୍ଗୁଥିବୁ
ସବୁ ଭଗ୍ନାଂଶରେ
ମୋ ପ୍ରେମକୁ ହିଁ
ଭୋଗୁଥିବୁ ।

ତୋ'ଠୁ ଅଲଗା ହୋଇ ନୁହଁ
ତୋ ସହ ଥିବାରେ
ମୁଁ ବିଶ୍ୱାସ କରେ ।

ଦେଖ୍, ତୁ ମତେ
କାଟି କାଟି ଚାଲିଛୁ
ମୁଁ ମୁହୂର୍ତ୍ତେ ମୁହୂର୍ତ୍ତେ
ଜନ୍ମ ହିଁ ନେଉଛି
ତୋ କଟାଣରୁ । ।

# ମନ୍ତ୍ରୀ ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ : ସ୍କୁଲ, କଲେଜ ପାଠରେ ସାମିଲ ହେବ ବିପର୍ଯ୍ୟୟ, ମହାମାରୀ ମୁକାବିଲା ବିଷୟ



ଭୁବନେଶ୍ୱର, (ନିପ୍ର) : ସମାପ୍ତ ହୋଇଛି ମନ୍ତ୍ରୀ ପରିଷଦ ବୈଠକ । ରାଜ୍ୟରେ ନବୀନ ପଟ୍ଟନାୟକ ସରକାରଙ୍କ ୫ମ ପାଳିର ୨ୟ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ମନ୍ତ୍ରୀ ପରିଷଦ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ତେବେ ଓଡିଶାବାସୀଙ୍କୁ ଆମେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ତଥା ବିଜୁବାବୁଙ୍କ ସ୍ୱପ୍ନକୁ ସାକାର କରିବାରେ ପଂଚମ ପାଳିର ଏହି ଦୁଇ ବର୍ଷ ଅତ୍ୟନ୍ତ ଆହ୍ୱାନ ମୂଳକ ଥିଲା । ଏପରିକି ଆମର ପଂଚମ ପାଳିର ସରକାର ଆରମ୍ଭ ହେବା ପୂର୍ବରୁ ମଇ ୨୦୧୯ରେ ଆମକୁ ଫନି ପରି ବାତ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା । ସେହିଦିନ ଠାରୁ ଆରମ୍ଭ କରି ଗତ ଦୁଇ ବର୍ଷ ହେଲା ଆମେ ବାତ୍ୟା ଏବଂ କୋଭିଡ ମହାମାରୀର ବିପର୍ଯ୍ୟୟକାରୀ ପ୍ରଭାବ ସାମ୍ନା କରିଆସୁଛୁ । ଏହା ହେଉଛି ଏକ ଅଭୂତପୂର୍ବ ସମସ୍ୟା ଏବଂ ଆମେ ଆମର ଲୋକମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଆମର ସର୍ବୋତ୍ତମ ଚେଷ୍ଟା ଜାରି ରଖିଛୁ । ସାରା ବିଶ୍ୱରେ ବିପର୍ଯ୍ୟୟ ପରିଚାଳନାରେ ଏକ ମଡେଲ ଭାବରେ ସ୍ୱୀକୃତ ଓଡିଶା ଏ କ୍ଷେତ୍ରରେ ତାର ମାନବୀୟ ଦୃଷ୍ଟିଭଙ୍ଗୀ ଓ ଦକ୍ଷତା ପାଇଁ ସୁନାମ କରିଛି । ଜଳବାୟୁ ପରିବର୍ତ୍ତନ ମାନବ ସମାଜ ପାଇଁ ଏକ ବଡ ସମସ୍ୟା ସୃଷ୍ଟି କରିଛି । ଓଡିଶାରେ ଆମେ ଅତ୍ୟନ୍ତ ଗୁରୁତର ପ୍ରଭାବ ସୃଷ୍ଟିକାରୀ ବାତ୍ୟାର ବର୍ଦ୍ଧିଷ୍ଣୁ ପ୍ରକ୍ରିୟାକୁ ଅନୁଭବ କରିଆସୁଛୁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

୨୦୨୦ ମାର୍ଚ୍ଚ ପର ଠାରୁ କୋଭିଡ ମହାମାରୀ ଆମର ବିପର୍ଯ୍ୟୟ ପରିଚାଳନା ଅଭିଜ୍ଞତାରେ ଏକ ନୂଆ ସମସ୍ୟା ଭାବରେ ଦେଖାଦେଇଛି । ସାରା ବିଶ୍ୱର ବିଭିନ୍ନ ଦେଶ ଏହି ମହାମାରୀର ବିଭିନ୍ନ ଲହର ଦ୍ୱାରା ଗୁରୁତର ଭାବରେ ପ୍ରଭାବିତ ହୋଇଛନ୍ତି । ତଥାପି, ସ୍ୱାଭାବିକ ଅବସ୍ଥାକୁ ଫେରିବା ଆଜି ଏକ ଆହ୍ୱାନ । କରୋନା ଭାଇରସ୍ ସଂକ୍ରମଣର ସଫଳ ନିୟନ୍ତ୍ରଣ ପୂର୍ବରୁ, ମାନବ ସମାଜକୁ ଏହି ମହାମାରୀର କେତେ ଲହର ଓ ଏହି ଭାଇରସ୍‌ର କେତେ ଅଧିକ ଭେରିଏଣ୍ଟର ସମ୍ମୁଖୀନ ହେବାକୁ ପଡିବ, ତାହା ବର୍ତ୍ତମାନ କେହି ସଠିକ ଭାବରେ କହିବା ସମ୍ଭବ ନୁହେଁ । ଏହା ହିଁ ହେଉଛି ବାସ୍ତବତା ଏବଂ ଆମ ସମସ୍ତଙ୍କୁ ଏହା ଗ୍ରହଣ କରିବାକୁ ହେବ ଓ ସେଥିପାଇଁ ପ୍ରସ୍ତୁତ ରହିବାକୁ ହେବ ।

ଏପର୍ଯ୍ୟନ୍ତ ଆମ ରାଜ୍ୟ କରୋନା ସଂକ୍ରମଣର ଦୁଇଟି ଲହର ଦ୍ୱାରା ପ୍ରଭାବିତ ହୋଇସାରିଲାଣି । ଆମର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସଠିକ୍ ଭାବରେ ପରିଚାଳନା କରିବାରେ ଆମେ ସକ୍ଷମ ହୋଇପାରିଛୁ ଏବଂ ସଂକ୍ରମଣର ପ୍ରସାର ଦ୍ୱାରା ଆମର ବ୍ୟବସ୍ଥା ଏପର୍ଯ୍ୟନ୍ତ ଅତ୍ୟଧିକ ଚାପର ସମ୍ମୁଖୀନ ହୋଇନାହିଁ । ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଆମ ସରକାର ସବୁବେଳେ ଆଗୁଆ ପଦକ୍ଷେପ ନେଇଆସିଛନ୍ତି । ଯେତେବେଳେ ଅନ୍ୟ ରାଜ୍ୟମାନେ ଦୁର୍ଭାଗ୍ୟବଶତଃ ଅକ୍‌ସିଜେନ ସମସ୍ୟା ଭିତରେ ଛନ୍ଦି ହୋଇ ଯାଇଥିଲେ, ସେତେବେଳେ ଆମ ସରକାର ଆମ ଡାକ୍ତରଖାନା ମାନଙ୍କରେ ଅକ୍‌ସିଜେନ ଯୋଗାଣକୁ ସୁବ୍ୟବସ୍ଥିତ କରିବା ସହିତ ଅନ୍ୟ ରାଜ୍ୟ ମାନଙ୍କୁ ମଧ୍ୟ ଅକ୍‌ସିଜେନ ଯୋଗାଇବରେ ସଫଳ ହୋଇପାରିଛି । ବହୁ ମୂଲ୍ୟବାନ ଜୀବନ ବଂଚାଇ ପାରିଛି ।

ସେ ଯାହା ହେଉ ନା କାହିଁକି, କୋଭିଡ ପରିଚାଳନାରେ ଆମକୁ ଆଗକୁ ଆହୁରି ପଥ ଅତିକ୍ରାନ୍ତ କରିବାକୁ ଅଛି । ଆମେ ବର୍ତ୍ତମାନ ଟିକାକରଣ ଉପରେ ଫୋକସ କରିଛୁ । ଟିକାକରଣ ନିମନ୍ତେ ଆମର ସମ୍ବଳର ଉପଯୋଗ କରି ଆମର ଲୋକମାନଙ୍କୁ ଯେତେଶୀଘ୍ର ସମ୍ଭବ, ସୁରକ୍ଷିତ ରଖିବା ପାଇଁ ପଦକ୍ଷେପ ନେଇଛୁ । ସଂକଟ ସମୟରେ ଆମ ଲୋକଙ୍କର ସହଯୋଗ ତଥା ବିଭିନ୍ନ ସ୍ତରରେ ଗୋଷ୍ଠୀର ସଂପୃକ୍ତି ଆମର ସବୁଠାରୁ ବଡ ଶକ୍ତି ହୋଇ ରହିଆସିଅଛି । ଗୋଟିଏ ପରେ ଗୋଟିଏ ସଂକଟର ମୁକାବିଲା ପାଇଁ ଓଡିଶାବାସୀଙ୍କର ନିରନ୍ତର ସହଯୋଗ ଏବଂ ସରକାରଙ୍କ ଉଦ୍ୟମରେ ନିଃସର୍ତ୍ତ ସମର୍ଥନ ପାଇଁ ରାଜ୍ୟ ସରକାର ଓଡିଶାବାସୀଙ୍କ ନିକଟକରେ କୃତଜ୍ଞ । ମହାମାରୀ ଓ ବାତ୍ୟା ପରି ଦୁର୍ବିପାକ ସମୟରେ ପ୍ରଶାସନର ଭଲ କାମରେ ଲୋକମାନଙ୍କର ପ୍ରଶଂସା ସରକାର ପାଇଁ ବହୁତ ବଡ ପ୍ରେରଣା ହୋଇ ରହିଆସିଛି ।

ବିପର୍ଯ୍ୟୟର ମୁକାବିଲା କିପରି କରିବାକୁ ହେବ, ସେ ବିଷୟରେ ଆମକୁ ନିରନ୍ତର ଶିକ୍ଷା ଲାଭ କରିବାକୁ ହେବ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସହିତ ଖାପ ଖୁଆଇ ଚଳିବା ସଙ୍ଗେ ସଙ୍ଗେ ବ୍ୟବସ୍ଥାରେ ମଧ୍ୟ ନିରନ୍ତର ଉନ୍ନତି ଆଣିବାକୁ ପଡିବ । ଏହା ହେଉଛି ଆମ ସମାଜର ସୁରକ୍ଷାର ବିଷୟ । ତେଣୁ ଏ ଦିଗରେ ଆମ ରାଜ୍ୟକୁ ଦକ୍ଷ ଓ ଦୃଢ କରିବା ପାଇଁ ଆମେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବୁ । ଆଜି ଆମର ସ୍କୁଲ କଲେଜର ପାଠ୍ୟକ୍ରମରେ ବିପର୍ଯ୍ୟୟ ଓ ମହାମାରୀର ମୁକାବିଲା ପାଇଁ ପ୍ରାକ୍ ପ୍ରସ୍ତୁତିକୁ ଏକ ବିଷୟ ଭାବରେ ଗ୍ରହଣ କରିବାକୁ ଆଜି ରାଜ୍ୟ ମନ୍ତ୍ରୀ ପରିଷଦ ସଂକଳ୍ପ ପାରିତ କରିଛି । ରାଜ୍ୟର ପ୍ରତ୍ୟେକ ଛାତ୍ରଛାତ୍ରୀ, ପ୍ରତ୍ୟେକ ନିର୍ବାଚିତ ପ୍ରତିନିଧି, ସରକାରୀ ଅଫିସର, ମିଶନ ଶକ୍ତି ସଦସ୍ୟବୃନ୍ଦ ଏବଂ ସମସ୍ତେ ପ୍ରାକୃତିକ ଦୁର୍ବିପାକ ଓ ମହାମାରୀର ମୁକାବିଲା ପାଇଁ ପ୍ରସ୍ତୁତ ହେବାକୁ ତାଲିମ ଦିଆଯିବ । ଏହା ହେଉଛି ଏକ ଐତିହାସିକ ପଦକ୍ଷେପ ଏବଂ ଭବିଷ୍ୟତରେ ପ୍ରକୃତିର ତାଣ୍ଡବ, ଏହା ଜୈବିକ ହେଉ ବା ଜଳବାୟୁ ଜନିତ, ତାର ସମ୍ମୁଖୀନ ହେବାକୁ ଆମର ଭବିଷ୍ୟତ ବଂଶଧର ମାନଙ୍କୁ ଏହା ଦକ୍ଷ ଓ ସଶକ୍ତ କରିବ । ଏହି ପଦକ୍ଷେପ ଦ୍ୱାରା ଓଡିଶା ଲୋକଙ୍କ ଜୀବନ ରକ୍ଷା କ୍ଷେତ୍ରରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିପାରିବ । ବିପର୍ଯ୍ୟୟ ପରିଚାଳନାରେ ଗୋଷ୍ଠୀ ସଚେତନତା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହା ହେଉଛି ଆମର ଉପଲବ୍ଧି ।

ଯେତେବେଳେ ସରକାର ଗୋଟିଏ ପରେ ଗୋଟିଏ ସଂକଟର ମୁକାବିଲା କରିଚାଲିଛନ୍ତି, ସେତେବେଳେ କିନ୍ତୁ ଲୋକଙ୍କୁ ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ଆମେ ଭୁଲିଯାଇନାହୁଁ । ୫-ଟି, ଆମର ପଂଚମ ପାଳିର ମୁଖ୍ୟ ଫୋକସ ହୋଇ ରହିଆସିଛି । ସ୍ୱଚ୍ଛତା, ବୈଷୟିକ କୌଶଳ, ସାମୁହିକ ଉଦ୍ୟମ, ସମୟ ଓ ପରିବର୍ତ୍ତନ । ପ୍ରତ୍ୟେକ ବିଭାଗ ସେମାନଙ୍କ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ଜୀବନରେ ଦୃଶ୍ୟମାନ ପରିବର୍ତ୍ତନ ଆଣିବା ପାଇଁ ପଦକ୍ଷେପ ନେଇଛନ୍ତି ଏବଂ ଏହି ଲକ୍ଷ୍ୟ ପୂରଣ ଦିଗରେ ନିରନ୍ତର କାମ କରିଚାଲିଛନ୍ତି । ଲୋକଙ୍କ ସହିତ ସିଧାସଳଖ ସଂପର୍କ ରହିବା ପାଇଁ ଆମେ ମୋ ସରକାର ଫିଡ୍‌ବେକ୍ ବ୍ୟବସ୍ଥା ଆରମ୍ଭ କରିଥିଲୁ । ସମୟକ୍ରମେ ପ୍ରତ୍ୟେକ ସ୍ତରରେ ଲୋକଙ୍କ ପ୍ରତି ସରକାରୀ କର୍ମଚାରୀ ମାନଙ୍କର ମନୋଭାବ ଏବଂ ବ୍ୟବହାରରେ ଦୃଶ୍ୟମାନ ପରିବର୍ତ୍ତନ ଆଣିବାରେ ଏହା ସଫଳ ହୋଇଛି । ପ୍ରଶାସନ ଏବଂ ସରକାରୀ ସେବା ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ ଓ ବୈଷୟିକ ଭିତ୍ତିକ କରି ସରକାରୀ ବ୍ୟବସ୍ଥାରେ ଢାଂଚାଗତ ଓ ପ୍ରକ୍ରିୟାଗତ ପରିବର୍ତ୍ତନ ଆଣିବା ପାଇଁ ଆନ୍ତରିକ ପଦକ୍ଷେପ ନିଆଯାଇଛି ।

ସ୍ୱାସ୍ଥ୍ୟ ଓ ଶିକ୍ଷାର ବିକାଶ ଉପରେ ସବୁବେଳେ ଆମର ସ୍ୱତନ୍ତ୍ର ଗୁରୁତ୍ୱ ରହିଆସିଛି । ସାରା ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପାଇଁ ଆମେ ୮୫୦୦ କୋଟି ଟଙ୍କାର ବିପୁଳ ପୁଞ୍ଜି ବିନିଯୋଗ କରିଛୁ । ୩୫୦୦ କୋଟି ଟଙ୍କା ବ୍ୟୟରେ ଏସ୍‌ସିବି କଲେଜ ଏଣ୍ଡ ହସ୍‌ପିଟାଲକୁ ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନ ଭାବରେ ବିକଶିତ କରାଯିବ । ଗତ ବର୍ଷକ ମଧ୍ୟରେ ଆମେ ୭୮୬ ଜଣ ଡାକ୍ତର ଓ ୫୧୩୭ ଜଣ ପାରାମେଡିକ୍‌ସ୍‌ଙ୍କୁ ନିଯୁକ୍ତ କରିଛୁ । ଆମର ପିଲାମାନଙ୍କର ଭିତରେ ଥିବା ଦକ୍ଷତାର ପୂର୍ଣ୍ଣ ବିକାଶ ପାଇଁ ଶିକ୍ଷା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ତେଣୁ ହାଇସ୍କୁଲ ମାନଙ୍କର ରୂପାନ୍ତର ଆମର ମୁଖ୍ୟ କାର୍ଯ୍ୟକ୍ରମ । ଏଥିପାଇଁ ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ଆମେ ୧୦୦୦ରୁ ଅଧିକ ସ୍କୁଲର ରୂପାନ୍ତର ପାଇଁ ପଦକ୍ଷେପ ନେଉଛୁ । ଆମର ଯୁବ ସମାଜକୁ ବିଶ୍ୱର ନିଯୁକ୍ତି ବଜାରର ଚାହିଦା ମୁତାବକ ପ୍ରସ୍ତୁତ କରିବା ପାଇଁ ଆମର ସ୍କିଲ୍ଡ ଇନ୍ ଓଡିଶା କାର୍ଯ୍ୟକ୍ରମର ଅଂଶସ୍ୱରୂପ ବିଶ୍ୱ ଦକ୍ଷତା କେନ୍ଦ୍ର ଆରମ୍ଭ କରାଯାଇଛି । ଆମର ଯୁବସମାଜ ଯେପରି ବିଶ୍ୱର ଶ୍ରେଷ୍ଠ ପ୍ରତିଯୋଗୀ ମାନଙ୍କ ସହ ଦକ୍ଷତାର ସହିତ ପ୍ରତିଦ୍ୱନ୍ଦିତା କରିପାରିବେ, ସେଥିପାଇଁ ପ୍ରତି କ୍ଷେତ୍ରରେ ସେମାନଙ୍କୁ ଗୁଣାତ୍ମକ ଦକ୍ଷତା ତାଲିମ ଦିଆଯିବ । ଓଡିଶା ଆଜି ପୁଞ୍ଜି ବିନିଯୋଗର ଆକର୍ଷଣୀୟ କେନ୍ଦ୍ର ହୋଇ ରହିଛି । କୋଭିଡ ମହାମାରୀ ପରିସ୍ଥିତି ସତ୍ତ୍ୱେ ଦେଶର କେତେକ ବଡ ବଡ ପୁଞ୍ଜିନିବେଶକୁ ଆକର୍ଷିତ କରିବାରେ ସଫଳ ହୋଇପାରିଛୁ । କ୍ରୀଡାର ବିକାଶ ଦିଗରେ ଆମର ନିରନ୍ତର ପ୍ରୟାସ ଜାରି ରହିଛି । ରାଉରକେଲାରେ ଦେଶର ବୃହତ୍ତମ ହକି ଷ୍ଟାଡିଅମ ସମେତ ବିଭିନ୍ନ କ୍ରୀଡା ପ୍ରକଳ୍ପ ନିମନ୍ତେ ୧୦୦୦ କୋଟିରୁ ଅଧିକ ଟଙ୍କା ବିନିଯୋଗ କରାଯାଇଛି ।

କୃଷି ଓ କୃଷକର ଉନ୍ନତି ହେଉଛି ଆମ ରାଜ୍ୟର ବିକାଶର ଆଧାରଶୀଳା । ଗତ ଏକ ବର୍ଷ ମଧ୍ୟରେ କାଳିଆ ଯୋଜନାରେ ଆମ ରାଜ୍ୟର ଚାଷୀମାନଙ୍କ ବ୍ୟାଙ୍କ ଖାତାରେ ୬୧୧୮ କୋଟିରୁ ଅଧିକ ଟଙ୍କା ଜମା କରି ଆମେ ଆମର ପ୍ରତିଶ୍ରୁତି ରକ୍ଷା କରିପାରିଛୁ । ବିଭିନ୍ନ ଜଳସେଚନ ପ୍ରକଳ୍ପକୁ ଠିକ୍? ସମୟରେ ଶେଷ କରିବା ପାଇଁ କଡା ନିର୍ଦ୍ଦେଶ ଦିଆଯାଇଛି । ଚଳିତ ବର୍ଷ ଅପର ଇନ୍ଦ୍ରାବତୀ ଉଠା ଜଳସେଚନ ପ୍ରକଳ୍ପ ଓ ଲୋୟର ଇନ୍ଦ୍ରାବତୀ ପ୍ରକଳ୍ପ ଚାଷୀଙ୍କ ସେବାରେ ଉତ୍ସର୍ଗ କରାଯାଇଛି ।

ମହିଳା ସଶକ୍ତିକରଣକୁ ଦୃଷ୍ଟିରେ ରଖି ମିଶନ ଶକ୍ତି କାର୍ଯ୍ୟକ୍ରମକୁ ମଜବୁତ କରାଯାଇଛି । ଏକ ଉଦାହରଣୀୟ ପଦକ୍ଷେପ ଭାବରେ ମିଶନ ଶକ୍ତି ପାଇଁ ଏକ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରାଯାଇଛି । ମିଶନ ଶକ୍ତି ମା’ ମାନଙ୍କର ଆର୍ଥିକ ସଶକ୍ତିକରଣ ପାଇଁ ଆଗାମୀ ୫ ବର୍ଷରେ ସେମାନଙ୍କୁ ୫୦୦୦ କୋଟି ଟଙ୍କାର ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ସଂପୃକ୍ତ କରିବା ପାଇଁ ଆମେ ନିଷ୍ପତ୍ତି ନେଇଛୁ । ଆମର ମହାନ ସାଂସ୍କୃତିକ ଐତିହ୍ୟର ସୁରକ୍ଷା ପାଇଁ ସାରା ରାଜ୍ୟରେ ପୁରୀ, କୋଣାର୍କ, ସମଲେଶ୍ୱରୀ, ହରଶଂକର – ନୃସିଂହନାଥ ମନ୍ଦିରର ସଂରକ୍ଷଣ ପାଇଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଅଛି । ଆମର ପଂଚାୟତିରାଜ ଅନୁଷ୍ଠାନ ତଥା ପୌରସଂସ୍ଥା ଗୁଡିକୁ ମଜବୁତ କରିବା ପାଇଁ ଅର୍ଥ କମିଶନଙ୍କ ଅନୁଦାନ ଜରିଆରେ ଗତ ଦୁଇ ବର୍ଷ ମଧ୍ୟରେ ସେମାନଙ୍କୁ ୧୧,୨୮୭ କୋଟି ଟଙ୍କାର ଆର୍ଥିକ ଅନୁଦାନ ଦିଆଯାଇଛି । ଓଡିଶାର ଜନସାଧାରଣ ପଂଚମ ଥର ପାଇଁ ଆମକୁ ଆଶୀର୍ବାଦ କରି ସେବାର ସୁଯୋଗ ଦେଇଛନ୍ତି । ଲୋକଙ୍କୁ ଆମେ ଦେଇଥିବା ପ୍ରତିଶ୍ରୁତି ଏବଂ ସେମାନଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ଆମେ କଠିନ ପରିଶ୍ରମ କରୁଛୁ । ଏହି ମହାମାରୀ ଏକ ଅନନ୍ୟ ପରିସ୍ଥିତି ସୃଷ୍ଟି କରିଛି, ଯାହା ଦ୍ୱାରାକି ଲୋକମାନଙ୍କ ଜୀବନ ଓ ଜୀବିକା ଗଭୀର ଭାବରେ ପ୍ରଭାବିତ ହୋଇଛି । ଏସବୁ ଆହ୍ୱାନ ସତ୍ତ୍ୱେ ଆମର ଦୃଢ ବିଶ୍ୱାସ ଯେ ଓଡିଶାର ଜନସାଧାରଣଙ୍କ ସହଯୋଗରେ ଏହି ସଂକଟର ମୁକାବିଲାରେ ଆମେ ବିଜୟୀ ହେବୁ ତଥା ଓଡିଶାର ରୂପାନ୍ତର ନିମନ୍ତେ ଆମର ଭଲ କାମକୁ ଜାରି ରଖିବୁ ବୋଲି ମତ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ।

# ବଙ୍ଗଳାବାସୀଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ ପାଦ ଛୁଇଁବାକୁ ପ୍ରସ୍ତୁତ, ରାଜନୈତିକ ପ୍ରତିଶୋଧ ବନ୍ଦ କରନ୍ତୁ : ମମତା ବାନାର୍ଜୀ



କୋଲକାତା : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିଳମ୍ବରେ ପହଂଚିବା ଏବଂ ବୈଠକରୁ ତୁରନ୍ତ ବିଦାୟ ନେଇଥିବା ବିବାଦ ଥମୁନାହିଁ । ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଏହି ଘଟଣାରେ ଏକ ବିବୃତି ଦେଇଛନ୍ତି । କେନ୍ଦ୍ର ସରକାର ପ୍ରତିଶୋଧ ନେଇ ରାଜନୀତି କରୁଥିବା ଅଭିଯୋଗ କରି ସେ ଏହାକୁ ବନ୍ଦ କରିବାକୁ କହିଛନ୍ତି ।

ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ‘ମୋତେ ଏହିପରି ଅପମାନ କର ନାହିଁ, ବଙ୍ଗଳାକୁ ଅସମ୍ମାନ କର ନାହିଁ । ମୋର ସିଏସ୍, ଏଚ୍‌ଏସ୍ ଏବଂ ଏଫ୍‌ଏସ୍ ସବୁବେଳେ ବୈଠକରେ ଯୋଗଦେଉଛନ୍ତି, ସେମାନେ କେନ୍ଦ୍ର ପାଇଁ କାର୍ଯ୍ୟ କରୁଛନ୍ତି, ସେମାନେ ଆଉ ରାଜ୍ୟ ପାଇଁ କେବେ କାମ କରିବେ । ଏହା କ’ଣ ରାଜନୈତିକ ପ୍ରତିଶୋଧ ନୁହେଁ କି ?’

ମମତା ବାନାର୍ଜୀ କହିଛନ୍ତି ଯେ, ସେ ବଙ୍ଗଳା ପାଇଁ ପ୍ରଧାନମନ୍ତ୍ରୀଙ୍କ ପାଦ ଛୁଇଁବାକୁ ପ୍ରସ୍ତୁତ । ସେ କହିଛନ୍ତି, ମତେ ଖରାପ ଲାଗିଲା । ସେ ପିଏମ୍‌ଓ ଦ୍ୱାରା ଏକପାଖିଆ ସୂଚନା ପ୍ରସାରଣ କରି ମୋତେ ଅପମାନିତ କରିଥିଲେ । ମୁଁ କାମ କରୁଥିବା ସମୟରେ ସେ ଏହା କରୁଥିଲେ । ମୁଁ ଲୋକମାନଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ ପାଦ ଛୁଇଁବାକୁ ପ୍ରସ୍ତୁତ ଅଛି । ଏହି ରାଜନୈତତିକ ପ୍ରତିଶୋଧ କରନ୍ତୁ ।

ସେ କହିଛନ୍ତି, ମୁଁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରୁଛି ଯେ ମୁଖ୍ୟ ଶାସନ ସଚିବଙ୍କ ଏହି ନିର୍ଦ୍ଦେଶ ପ୍ରତ୍ୟାହାର କରନ୍ତୁ ଏବଂ ଆମକୁ କାମ କରିବାକୁ ଦିଅନ୍ତୁ । ସେଠାରେ କିଛି ସୌଜନ୍ୟ ରହିବା ଉଚିତ୍ । ରାଜ୍ୟ କେନ୍ଦ୍ରକୁ କାମ କରିବାକୁ ଦେଉନାହିଁ । ବେଙ୍ଗଲ ମୋର ପ୍ରାଥମିକତା ଏବଂ ମୁଁ କରିବି, ଏହାକୁ କେବେ ବିପଦରେ ପକାନ୍ତୁ ନାହିଁ । ମୁଁ ଏଠାରେ ଥିବା ଲୋକଙ୍କ ପାଇଁ ସୁରକ୍ଷା କର୍ମୀ ରହିବି ।

ସେ କହିଛନ୍ତି ଯେ, ତାଙ୍କ ରାଜ୍ୟ ପାଇଁ ସେ ସବୁବେଳେ ସମର୍ପିତ । ତାଙ୍କ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଦ ଛୁଇଁବାକୁ ମଧ୍ୟ ସେ ପ୍ରସ୍ତୁତ ଅଛନ୍ତି ।

## ପୁତ୍ର ସନ୍ତାନକୁ ଜନ୍ମ ଦେବା ପରେ ଚମକି ପଡ଼ିଲେ ଜନ୍ମଦାତ୍ରୀ ମା' : ଓଜନ ମାପିବାକୁ ତରାଜୁ ବି ଛୋଟ ପଡ଼ିଲା



ଲଣ୍ଡନ : ବ୍ରିଟେନରେ ଜଣେ ମହିଳା ଏଭଳି ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି, ଯାହାକୁ ଜନ୍ମ ଦେବା ପରେ ଦେଖି ଜନ୍ମଦାତ୍ରୀ ମା' ନିଜେ ଚମକି ପଡ଼ିଲେ । ବାସ୍ତବରେ ଏହି ସନ୍ତାନଟି ଜନ୍ମ ହେବା ସମୟରେ ଏତିକି ଓଜନ ଥିଲା ଯେ, ଓଜନ ମାପିବାକୁ ତରାଜୁ ବି ଛୋଟ ପଡ଼ିଥିଲା । ଏପରିକି ଏହି ନବଜାତକକୁ ପ୍ରସବ କରାଇବାରେ ମଧ୍ୟ କୁଆଡ଼େ ଡାକ୍ତରଙ୍କୁ ଖୁବ୍ ପରିଶ୍ରମ କରିବାକୁ ପଡ଼ିଥିଲା ।

ସୂଚନା ଅନୁସାରେ ୨୭ ବର୍ଷୀୟ ଏମି ସ୍ମିଥ୍ ଏବଂ ତାଙ୍କ ପତି ଜୈକ ବକିଂଧମଶାୟର ପୁତ୍ର ସନ୍ତାନର ଜନ୍ମ ପରେ ଚକିତ ହୋଇଯାଇଥିଲେ ।

ଗତ ମାର୍ଚ୍ଚ ୨୫ ତାରିଖ ଦିନ ଏହି ପୁତ୍ର ସନ୍ତାନର ଜନ୍ମ ହୋଇଥିବା ବେଳେ ଜନ୍ମ ବେଳକୁ ତାର ଓଜନ ସାଢ଼େ ୫ କିଲୋରୁ ଅଧିକ ରହିଥିଲା, ଯଦିବି ନବଜାତ ସନ୍ତାନମାନଙ୍କର ଓଜନ ସ୍ୱଭାବିକ ଭାବରେ ୨ରୁ ୩ କିଲୋ ମଧ୍ୟରେ ରହିଥାଏ ବୋଲି କୁହାଯାଇଛି ।

## ପାକିସ୍ତାନରେ ୧୬ ବର୍ଷର ନାବାଳିକା ଗଣଦୁଷ୍କର୍ମର ଶିକାର : ଭିଡିଓ ଭାଇରାଲ



ଇସଲାମାବାଦ : ପାକିସ୍ତାନର ଡେରା ଇସମାଇଲ ଖାନ ସହରରୁ ଆଉ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି । ଦୁର୍ବୃତ୍ତମାନେ ଜଣେ ୧୬ ବର୍ଷ ବୟସ୍କା ନାବାଳିକାଙ୍କୁ କେବଳ ବଳାତ୍କାର ଓ ନିର୍ଯାତନା ଦେଇନଥିଲେ, ବରଂ ଏହି ଘଟଣାର ସୁଟିଂ କରି ସୋସିଆଲ ମିଡିଆରେ ଅପଲୋଡ୍ କରିଥିଲେ । ଡେରା ଇସମାଇଲ ଖାନ ଜିଲ୍ଲା ପୋଲିସ ଅଧିକାରୀ (ଡିପିଓ) ନଜମୁଲ ହସ୍‌ନୈନ କହିଛନ୍ତି ଯେ, ପବିତ୍ର ରମଜାନ ମାସରେ ଏହି ଘଟଣା ଘଟିଛି । ଏହି ଭିଡିଓ ଇଂଟରନେଟରେ ଭାଇରାଲ ହେବା ପରେ ପୀଡ଼ିତାଙ୍କ ବାପା ଏହି ଘୃଣ୍ୟ ଘଟଣା ବିଷୟରେ ପୋଲିସକୁ ସୂଚନା ଦେଇଥିଲେ ।

ହସ୍‌ନୈନ କହିଛନ୍ତି, ଏହି ଘଟଣା ଶାମୋଜାଇ ଅଂଚଳରେ ଘଟିଛି, ଯେଉଁଠାରେ ପାଂଚ ଜଣ ଅଭିଯୁକ୍ତ ଜଣେ ୧୬ ବର୍ଷର ନାବାଳିକାଙ୍କୁ ବଳାତ୍କାର କରିଛନ୍ତି । ପୀଡିତାଙ୍କୁ ଏକ ଉଦାହରଣ ଭାବରେ ଉପସ୍ଥାପନ କରିବାକୁ ସେମାନେ ଏହି ଲଜ୍ଜାଜନକ କାର୍ଯ୍ୟର ଏକ ଭିଡିଓ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ଅପଲୋଡ୍ କରିଛନ୍ତି । ଏହି ଭିଡିଓ ଇଂଟରନେଟରେ ଭାଇରାଲ ହେବା ମାତ୍ରେ ପୀଡିତାଙ୍କ ବାପା ପୋଲିସକୁ ଜଣାଇ ପାଂଚ ଅଭିଯୁକ୍ତଙ୍କ ବିରୋଧରେ ଏଫ୍‌ଆଇଆର୍ ଦାଖଲ କରିଥିଲେ । ପାଂଚ ଅଭିଯୁକ୍ତ ଚିହ୍ନଟ ହେବା ପରେ ମଧ ପୋଲିସ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରି ପାରିନଥିବା କୁହାଯାଇଛି ।

## ଅନ୍ଧ ବିଶ୍ୱାସ : ଗୁଣିଆ କଥାରେ ପଡି ମୃତ ଶିଶୁ ସନ୍ତାନ ବଂଚିଯିବ ବୋଲି ଭାବୁଛି ମା'



ସୁବର୍ଣ୍ଣପୁର, (ନିପ୍ର) : ମଣିଷ ଚନ୍ଦ୍ର ପୃଷ୍ଠରେ ପାଦ ଦେଲାଣି । ତଥାପି ଏବେ ବି ଆଧୁନିକ ସମାଜରେ ଅନ୍ଧ ବିଶ୍ୱାସ ଲୋକଙ୍କ ମନରେ ରହିଛି । ସୁବର୍ଣ୍ଣପୁର ଜିଲ୍ଲାର ସଦର ବ୍ଲକ ନାରାୟଣପୁର ଗାଁରେ ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ୧୦ ମାସିଆ ପୁଅର ମୃତ୍ୟୁ ୧୮ ଘଂଟାରୁ ଅଧିକ ସମୟ ବିତି ଯାଇଥିଲେ ବି ଗୁନିଆ କଥାରେ ପଡି ବାପା ମା ପୁଅ ବଂଚିଯିବ ଭାବି ଘରେ ରଖିଛନ୍ତି । ମା' ପୁଅ ବଂଚିବ ଆଶାରେ ପାଖରେ ଖଟରେ ଶୁଆଇ ଦେଇ ପୁଅର ବଂଚିବା ବାଟକୁ ଅପେକ୍ଷା କରିରହିଛି । ସୂଚନା ଯୋଗ୍ୟ ଯେ, ସୁବର୍ଣ୍ଣପୁର ଜିଲ୍ଲା ନାରାୟଣ ପୁର ଗାଁରେ ନବଘନ କର୍ମୀଙ୍କ ୧୦ ମାସର ପୁଅକୁ ଝାଡାବାନ୍ତି ହେବାରୁ ଚିକିତ୍ସା ପାଇଁ ବୁର୍ଲା ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କ ପୁଅକୁ ମୃତ୍ୟୁ ଘୋଷଣା କରିଥିଲେ । କିନ୍ତୁ ଘରକୁ ଆସିଲା ପରେ ଘରେ ଏକ ଗୁଣିଆକୁ ଦେଖାଇଥିଲେ, କିନ୍ତୁ ସେ ପୁଅ ତୋର ବଂଚିଯିବ । ତାକୁ ଡାହାଣୀ କୋପ କରିଛି ବୋଲି କହିଥିଲା । କୁଆଡ଼େ ଗୁଣିଆ ଦେହରେ ହଳଦୀ ଏବଂ ଚନ୍ଦନ ବୋଳି ଦେଲା ଆସନ୍ତାକାଲି ୭ଟା ପର୍ଯ୍ୟନ୍ତ ତୋର ପୁଅ ବଂଚିଯିବ ବୋଲି କହିଲା । ପରେ ପୁଅକୁ ବାପା ମାଁ ଏମିତି ଜଗି ବସିଛନ୍ତି ସତରେ ଯେମିତି ପୁଅ ପୁଣି ବଂଚିବ !

## କୋଭିଡ-୧୯ ଯୋଗୁଁ ପ୍ରାଣ ହରାଇଥିବା ୬୭ଜଣ ସାମ୍ବାଦିକଙ୍କ ପରିବାରକୁ କେନ୍ଦ୍ରର ଆର୍ଥିକ ସହାୟତା ଅନୁମୋଦନ




**- ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସାମ୍ବାଦିକ କଲ୍ୟାଣ ଯୋଜନାରେ ପ୍ରତ୍ୟେକ ପରିବାର ପାଇବେ ୫ ଲକ୍ଷ ଟଙ୍କା**

**- ପ୍ରତି ସପ୍ତାହରେ ବସିବ ସାମ୍ବାଦିକ କଲ୍ୟାଣ ଯୋଜନା ବୈଠକ**

ନୂଆଦିଲ୍ଲୀ, (ପିଆଇବି) : କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କ ତତ୍ତ୍ୱାବଧାନରେ ମନ୍ତ୍ରଣାଳୟ ନିଜ ପକ୍ଷରୁ ୨୦୨୦ ଓ ୨୦୨୧ରେ କୋଭିଡ-୧୯ରେ ପ୍ରାଣ ହରାଇଥିବା ସାମ୍ବାଦିକମାନଙ୍କ ସମ୍ପର୍କରେ ସବିଶେଷ ବିବରଣୀ ସଂଗ୍ରହ କରି ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ସେମାନଙ୍କ ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ଯୋଗାଇବା ପାଇଁ ଯୋଜନା କରିଛନ୍ତି ।

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ଅମିତ ଖାରେଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ସାମ୍ବାଦିକ କଲ୍ୟାଣ ଯୋଜନା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ପ୍ରସ୍ତାବରେ ୨୦୨୦-୨୧ ଆର୍ଥିକ ବର୍ଷରେ କୋଭିଡ-୧୯ ଯୋଗୁଁ ପ୍ରାଣ ହରାଇଥିବା ୨୬ ଜଣ ସାମ୍ବାଦିକଙ୍କ ପ୍ରତ୍ୟେକ ପରିବାରକୁ ୫ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ ଅନ୍ତର୍ଭୁକ୍ତ । କେନ୍ଦ୍ର ସରକାର ମୃତ ସାମ୍ବାଦିକମାନଙ୍କ ୪୧ଟି ପରିବାରକୁ ଦେଉଥିବା ଆର୍ଥିକ ସହାୟତା ମିଶାଇବା ପରେ କୋଭିଡ ସହ ପ୍ରାଣତ୍ୟାଗ କରିଥିବା ସାମ୍ବାଦିକଙ୍କ ସଂଖ୍ୟା ୬୭କୁ ବୃଦ୍ଧି ପାଇଛି । କମିଟି ପକ୍ଷରୁ ଗଭୀର ଶୋକପ୍ରକଟ କରାଯିବା ସହ ଦିବଂଗତ ସାମ୍ବାଦିକଙ୍କ ପରିବାରବର୍ଗଙ୍କୁ ଶୋକ ସନ୍ଦେଶ ମଧ ଜଣାଇ ଦିଆଯାଇଛି ।

ପତ୍ର ସୂଚନା କାର୍ଯ୍ୟାଳୟ ମଧ ନିଜ ପକ୍ଷରୁ କୋଭିଡ-୧୯ରେ ପ୍ରାଣ ହରାଇଥିବା ସାମ୍ବାଦିକମାନଙ୍କ ପରିବାରବର୍ଗଙ୍କୁ ଦେଖାକରି ସେମାନଙ୍କ ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ସହାୟତା ପାଇଁ ଆବେଦନ କରିବାକୁ ପ୍ରବର୍ତ୍ତାଇଥିଲେ । କମିଟି ମଧ ପ୍ରତି ସପ୍ତାହରେ ସାମ୍ବାଦିକ କଲ୍ୟାଣ ଯୋଜନା ବୈଠକ କରି ଆର୍ଥିକ ସହାୟତା ପାଇଁ ଆବେଦନକାରୀଙ୍କ ଦରଖାସ୍ତ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନେଇଥିଲେ । କୋଭିଡ-୧୯ ବ୍ୟତୀତ ଅନ୍ୟକାରଣ ଯୋଗୁଁ ପ୍ରାଣ ହରାଇଥିବା ୧୧ଜଣ ସାମ୍ବାଦିକ ପରିବାରର ଦରଖାସ୍ତ ମଧ ଆଜି ବିଚାରକୁ ନେଇଥିଲେ । ଜେଏସଡବ୍ଲୁ ବୈଠକରେ ପିଆଇବିର ପ୍ରଧାନ ମହାନିର୍ଦ୍ଦେଶକ ଜୟଦୀପ ଭଟ୍ଟନାଗର, ମନ୍ତ୍ରଣାଳୟ ଯୁଗ୍ମ ସଚିବ ବିକ୍ରମ ସହାୟ, କମିଟିର ସାମ୍ବାଦିକ ପ୍ରତିନିଧି ସନ୍ତୋଷ ଠାକୁର, ଅମିତ କୁମାର, ଉମେଶ୍ୱର କୁମାର, ଶ୍ରୀମତୀ ସର୍ଜନା ଶର୍ମା ମଧ ଉପସ୍ଥିତ ଥିଲେ ।

ପିଆଇବି ୱେବସାଇଟ୍ ଜରିଆରେ ସାମ୍ବାଦିକ ଓ ସେମାନଙ୍କ ପରିବାର ସାମ୍ବାଦିକ କଲ୍ୟାଣ ଯୋଜନା (ଜେଏସଡବ୍ଲୁ) ଅଧୀନରେ ସହାୟତା ପାଇଁ ଆବେଦନ କରିପାରିବେ ।

## ୱାଇସିଡିଏରେ କାର୍ଯ୍ୟରତ ଅଜିତ ବସ୍ତିଆ ଚାଲିଗଲେ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିରରେ ୱାଇସିଡିଏ ଅଧୀନରେ କାମ କରୁଥିବା ଅଜିତ ବସ୍ତଆଙ୍କ ପରଲୋକ ହୋଇଥିବା ସୂଚନା ମିଳିଛି । କରୋନା ସଂକ୍ରମିତ ହେବା ପରେ ଦୀର୍ଘ ଦଶ ଦିନ ଧରି ସେ ସ୍ଥାନୀୟ ଭୀମ ଭୋଇ ମେଡିକାଲ୍ କଲେଜ୍ ହସ୍ପିଟାଲରେ ଭେଂଟିଲେଟରରେ ଚିକିତ୍ସାଧୀନ ଥିଲେ । ଭୁବନେଶ୍ୱର ସିୱାଇଏସ୍‌ଡି ଅଧୀନରେ ପୂର୍ବରୁ କାମ କରୁଥିବା ସ୍ୱର୍ଗତ ଅଜିତ ବସ୍ତିଆ ଗତ ଚାରି ପାଂଚ ବର୍ଷ ହେଲା ୱାଇସିଡିଏ ଅଧୀନରେ ବଲାଙ୍ଗିରରେ କାର୍ଯ୍ୟରତ ଥିଲେ । ସେ ଜଣେ ମିଷ୍ଟଭାଷୀ, ମେଲାପୀ ତଥା କର୍ତ୍ତବ୍ୟନିଷ୍ଠ ମଣିଷ ଭାବେ ତାଙ୍କ ବନ୍ଧୁ ମହଲରେ ବେଶ୍ ଜଣାଶୁଣା ଥିଲେ । ତାଙ୍କ ବିୟୋଗରେ ସାରା ଅଂଚଳରେ ଶୋକର ଛାୟା ଖେଳି ଯାଇଥିବା ବେଳେ ୱାଇସିଡିଏ ମୁଖ୍ୟ ରାଜେନ୍ଦ୍ର ମେହେର ଓ ଡ. ସଞ୍ଜୟ ମିଶ୍ର ଶୋକ ପ୍ରକାଶ କରିଛନ୍ତି ।

## ବଲାଙ୍ଗିର ବିଷୟରେ ଏକ ରଚନର.....(ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ଏବେ ପ୍ରାୟ ନେଇ ଆଣି ଥୋଇ ପାରୁଥିବା ବା ସେମିତି ଚଳି ଚଳାଇ ପାରୁଥିବାର ପ୍ରାୟଃ ପ୍ରତ୍ୟେକ ହୁସିଆର ପୁଅ ବଲାଙ୍ଗିରରେ ଉପାଧି, ଉପାୟନ ବା ସମ୍ବର୍ଦ୍ଧନାଗୁଡ଼ିକ ଭୁଂଜି ସାରିଛନ୍ତି । ଗଣମାଧ୍ୟମଗୁଡ଼ିକର ଦୟାରୁ ଗାଁ ଗହଳିରେ ଥିବା ମଳିମୁଣ୍ଡିଆ ବେଢ଼ା ଲୋକମାନଙ୍କ ପାଖରେ ବି ଖବର ପହଂଚି ସାରିଛି ଯେ ବଲାଙ୍ଗିରର ମାଟି ଏହି ପରିପ୍ରେକ୍ଷୀରେ ଆଉ ନିହାତି ଅନୁର୍ବର ହୋଇ ରହିନାହିଁ । ଛାତିରେ ହାତ ଦେଇ କହିପାରିବାକୁ କିଛି ନହେଲେ ବି ବଲାଙ୍ଗିର ମାଟିର ଅଳିଅଳ ଦୁଲାଳମାନଙ୍କ ଭିତରୁ ଗଣ୍ଡେ ପୁଞ୍ଜେ କୃତି ସନ୍ତାନ ଫି' ବର୍ଷ ବାହାରୁଛନ୍ତି । ଯେଉଁମାନଙ୍କୁ ଶିଷ୍ଟ ମଣ୍ଡଳୀର ସମାବେଶରେ ଉପାଧି ଉପାୟନ ସମ୍ବର୍ଦ୍ଧନା ଆଦିର ଶିରପା ବାନ୍ଧିବାକୁ ମିଳୁଛି । ମାତ୍ର ଫୁସୁରୁ ଟୁପୁରୁ ହୋଇ ନିନ୍ଦୁକ ଲୋକେ ପଚରା ପଚରି ହେଉଥିବା କଥା ପଦକୁ କିନ୍ତୁ ଏଡ଼ାଇ ଦେଇ ହେବନି । ସେମାନେ ପଚାରୁଛନ୍ତି ଯେ, ଫି' ବର୍ଷ ଏତେ ଏତେ ଯୋଗ୍ୟ 'କମିହାଁ' ପୁଅଝିଅ ଜନ୍ମ କରି ମଧ୍ୟ ବଲାଙ୍ଗିର ମାଟି ଏମିତି ନିରିମାଖି ଅବସ୍ଥାରେ କେମିତି ପଡ଼ି ରହିଛି ? ସୌରଭ, ବିଭୂଷଣ, ଉତ୍ତମ, ସର୍ବୋତ୍ତମ ଆଦି ଇତ୍ୟାଦିର କବଚ କୁଣ୍ଡଳ ପିନ୍ଧା ଏତେ ଏତେ ଉଜ୍ୱଳ ପୁରୁଷ ସବୁ ତ' ଆତଯାତ ହେଉଛନ୍ତି, ତେବେ କେଉଁ ଦେବତାର ଅଭିଶାପରୁ ଚତୁର୍ଦ୍ଦିଗରେ ଅନ୍ଧାର ଘନେଇ ଆସୁଛି ଓ ଜୀବନ ପରିସ୍ଥିତି ଏମିତି ରୌରବମୟ ହୋଇ ପଡ଼ିଛି ?

ଏମିତି କେତେ କେତେ ପ୍ରଶ୍ନ ଉଙ୍କି ମାରୁଛି । ସେଗୁଡ଼ିକର ଠିକ୍ ଉତ୍ତର ଖୋଜିବାର ବେଳ ଆସିଯାଇଛି । ଉଦ୍ଦେଶ୍ୟର ପରିଚ୍ଛନ୍ନତା ରକ୍ଷା କରାଯାଇ ପାରିବ, ଯଦି ସେହି ଉତ୍ତରଗୁଡ଼ିକର ବିବେକୀ ନିର୍ଦ୍ଦେଶନାରେ ଆମେ ଚଳିବା ପାଇଁ ରାଜି ହୋଇ ଦରକାର ମୁତାବକ ବଦଳି ପାରିବା । ସେଇ ଆହ୍ୱାନ ପ୍ରତି ଉଦାସୀନ ରହି ଅଭ୍ୟାସଗତ ଭାବେ ଯଦି ତଥାପି ଠୁନ୍‌କୁମାନି ହୋଇ ଗଡଁ କାଢ଼ିବା ତେବେ ସଭାସମିତିରେ ପାଣ୍ଡିତ୍ୟ ଦେଖାଇ ଯେତେ ରୋବେଇ ଖୋବେଇ ହେଲେ ବି ଆମ ଦେଇ କିଛି ହେବନାହିଁ । କାରଣ ସବୁ ଧୁମ୍ ଧଡ଼ାକା ଓ କୋଳାହଳରୁ ଓହରି ଆସି ଶୁଣିବାକୁ ଚାହିଁଲେ ନିଶ୍ଚୟ ଶୁଣି ପାରିବା ଯେ ବଲାଙ୍ଗିର ମଧ୍ୟ ଏବ ଏବକୁ ଆମମାନଙ୍କୁ ଉଦ୍ଦେଶ୍ୟ କରି ଏକ ଆପ୍ତବାଣୀର ଖିଅ ଧରି ଆରମ୍ଭ କଲାଣି – ''ମୋର କଥାଗୁଡ଼ିକ କେବଳ ଯଦି ତୁମର ଚିନ୍ତା ଓ ଆଲୋଚନାର ବିଷୟ ମାତ୍ର ହୁଏ, ବାସ୍ତବରେ ଯଦି କୌଣସି କିଛିକୁ ମୂର୍ତ୍ତ କରି ତୋଳି ନପାର ଏବଂ କେବଳମାତ୍ର ଏକ ତାତ୍ତ୍ୱିକ ବିଳାସରେ ମାତି ରହ, ତେବେ ଆକାଂକ୍ଷିତ ମଙ୍ଗଳ ବୋଲି ପାଇ ପାରିବା ଯେ ତୁମ ପାଇଁ ତମସାଚ୍ଛନ୍ନ ହୋଇ ରହିଯିବ ଏକଥା କିନ୍ତୁ ଅତି ନିଶ୍ଚୟ ।''

# ଅସହାୟଙ୍କୁ ସହଯୋଗ କରିବା ପାଇଁ ଆଗେଇ ଆସିଲେ ସିଏନ୍‌ସି ବାଣିଜ୍ୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀ

ବଲାଙ୍ଗିର, (ନିପ୍ର) : କରୋନା ମହାମାରୀ ସମୟରେ ହସ୍ପିଟାଲ୍‌କୁ ରୋଗୀଙ୍କୁ ଆଣି ଭର୍ତ୍ତି କରୁଥିବା ପରିଜନଙ୍କ ଲାଗି ରହିଥିବା ଲକ୍‌ଡାଉନ୍ ସଟ୍‌ଡାଉନ୍ ଯୋଗୁଁ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ବେଳେ ଖାଇବାକୁ ମୁଠେ ପାଇବା ବି ସମୟ ସମୟରେ ବଡ଼ ମୁସ୍କିଲ୍ ହୋଇପଡୁଛି । ଏଭଳି ସମୟରେ ବଲାଙ୍ଗିରର ଅଗ୍ରଣୀ ବାଣିଜ୍ୟ ମହାବିଦ୍ୟାଳୟ 'ସିଏନ୍‌ସି'ର ଛାତ୍ରଛାତ୍ରୀମାନେ ଉତ୍ସାହପ୍ରଦ ପଦକ୍ଷେପ ନେଇଥିବା ଦେଖିବାକୁ ମିଳିଛି ।



ପ୍ରତ୍ୟହ ନିଜ ନିଜ ଭିତରେ ଚାନ୍ଦା କରି ଗରିବ ତଥା ଅସହାୟଙ୍କୁ ସହଯୋଗ କରିବା ପାଇଁ ସେମାନେ ଆଗେଇ ଆସିଛନ୍ତି । ଏଭଳି ମହାମାରୀ ସ୍ଥିତିରେ ପ୍ରତ୍ୟେକ ଦିନ ରୁଟି, ଡ଼ାଲି, ତରକାରୀ ବଂଟନ କରୁଛନ୍ତି ଭୀମଭୋଇ ମେଡ଼ିକାଲ୍ କଲେଜ ହସ୍ପିଟାଲ୍ ପରିସରରେ । ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିବା ରୋଗୀମାନଙ୍କ ପରିଜନଙ୍କ ପାଇଁ ସିଏନ୍‌ସି କଲେଜର ଛାତ୍ରଛାତ୍ରୀ ଏଭଳି ପ୍ରଶଂସନୀୟ ପଦକ୍ଷେପ ବାସ୍ତବରେ ଅନ୍ୟମାନଙ୍କ ଉଦାହରଣ ପାଲଟିଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ଏହି ଖାଦ୍ୟବଂଟନ କାର୍ଯ୍ୟକ୍ରମରେ ଯଶ ପୋପଟ, ପିୟୁଷ ଖେମ୍‌କା, ବୈଭବ ବେହେରା, ଦିଶା ଶର୍ମା, ସୁନନ୍ଦା ଅଗ୍ରୱାଲ, ସୋନାଲି ବେହେରା ପ୍ରମୁଖ ଛାତ୍ରଛାତ୍ରୀ ସାମିଲ୍ ଥିବା ଜଣାପଡ଼ିଛି ।

# ସିଆର୍‌ପିଏଫ୍ ପକ୍ଷରୁ ହରିଶଙ୍କରରେ ସଫେଇ ଅଭିଯାନ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲାର ବେଶ୍ ଆକର୍ଷଣୀୟ ଶୈବପୀଠ ହେଉଛି ଐତିହ୍ୟସଂପନ୍ନ ହରିଶଙ୍କର । ହରି ଓ ଶଙ୍କରଙ୍କ ମିଳନ ସ୍ଥଳୀ ଭାବେ ହରିଶଙ୍କର ତୀର୍ଥକ୍ଷେତ୍ର ସାରା ଭାରତରେ ସୁନାମ ଅର୍ଜନ କରିଛି । ବର୍ଷର ସବୁ ସମୟରେ ଏହି ତୀର୍ଥକ୍ଷେତ୍ରରେ ଭକ୍ତମାନଙ୍କ ଗହଳି ଲାଗି ରହୁଥିବା ବେଳେ ବିଶେଷ କରି ଗ୍ରୀଷ୍ମ କାଳରେ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ତଥା ହରିଶଙ୍କରର ଚିରସ୍ରୋତା ଝରଣାର ଥଣ୍ଡା ପାଣିରେ ଗାଧୋଇବା ପାଇଁ ଲୋକଙ୍କ ସମାଗମ ଦେଖିବାକୁ ମିଳେ । ପୁଣି ମହାଶିବରାତ୍ରୀ, ବୈଶାଖ ମେଳା ତଥା ଶ୍ରାବଣ ମାସର ବୋଲ୍‌ବମ୍ ସମୟରେ ଭକ୍ତଙ୍କ ଅସମ୍ଭାଳ ଭିଡ଼ ଏହି ତୀର୍ଥକ୍ଷେତ୍ରରେ ଦେଖିବାକୁ ମିଳିଥାଏ । ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଯୋଗୁଁ ହରିଶଙ୍କରର ପରିବେଶ ଦୂଷିତ ହେଉଥିବା ବେଳେ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ୍ ହୋଇ ବଲାଙ୍ଗିର ସିଆର୍‌ପିଏଫ୍ ପକ୍ଷରୁ ହରିଶଙ୍କର ମନ୍ଦିରର ଆଖପାଖ ଅଂଚଳ ସଫା କରାଯାଇଛି ।

ପୀତବାସ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଘନକାନ୍ତ ବାରୋ, ବିବେକ ଆର୍, ରତନ ରାୟ, ନିଖିଲ ଏକେ, ତାପସ ଦେବବର୍ମା, ଏସ୍.କେ.ତ୍ରିପାଠି ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ବହୁ ଯବାନ୍ ସଫେଇରେ ସାମିଲ୍ ହୋଇଥିଲେ ।

# ବିଡିସିସି ସଦର ବ୍ୟାଙ୍କ ମ୍ୟାନେଜର ଶିବୁନ ମହାନ୍ତିଙ୍କ ପରଲୋକ

ବଲାଙ୍ଗିର : (ନିପ୍ର) : ବଲାଙ୍ଗିର ବିଡିସିସି ସଦର ବ୍ୟାଙ୍କ ମ୍ୟାନେଜର ଶିବୁନ ମହାନ୍ତିଙ୍କ ପରଲୋକ ହୋଇଥିବା ଖବର ମିଳିଛି । ତାଙ୍କ ଦେହାନ୍ତ ବେଳକୁ ତାଙ୍କୁ ୫୫ ବର୍ଷ ହେଉଥିଲା । ସେ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ପରଲୋକ ହୋଇଯାଇଛି । ବଲାଙ୍ଗିର ରାଧାରାଣୀପଡାର ବାସିନ୍ଦା ଶିବୁନ ମହାନ୍ତି । ଶ୍ରୀ ମହାନ୍ତିଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ରାଧାରାଣୀ ପଡା ଅଂଚଳରେ ତଥା ବଲାଙ୍ଗିର ସହରରେ ଶୋକର ଛାୟା ଖେଳିଥିବା ବେଳେ ବିଡିସିସି ବ୍ୟାଙ୍କ ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ପଠ୍ନ ଜ୍ୱେଲର୍ସ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି ।








# ଅକ୍‌ସିଜେନ୍ ବ୍ୟାଙ୍କ ଖୋଲାଯିବା ସହ ଦକ୍ଷ ଟେକ୍‌ନିସିଆନ୍ ବ୍ୟବସ୍ଥା କରାଯିବା ଉଚିତ

ବଲାଙ୍ଗିର, (ନିପ୍ର) : ବିଶେଷ ଉତ୍ସାହପ୍ରଦ ବିଷୟ ଯେ, କରୋନାର ଦ୍ୱିତୀୟ ଲହରି ସମୟରେ ଅକ୍‌ସିଜେନ୍ ସଂକଟକୁ ଦୂର କରିବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅକ୍‌ସିଜେନ୍ ବ୍ୟାଙ୍କ ଖୋଲା ଯାଉଛି । ବର୍ତ୍ତମାନ ସମୟ ନିମନ୍ତେ ଏହା ଅତ୍ୟନ୍ତ ପ୍ରଶଂସନୀୟ ପଦକ୍ଷେପ । କିନ୍ତୁ ଏଥିସହିତ ପ୍ରତ୍ୟେକ ଅକ୍‌ସିଜେନ୍ ବ୍ୟାଙ୍କ ପାଇଁ ଅକ୍‌ସିଜେନ୍ ପରିଚାଳନା ନିମନ୍ତେ ଉଚିତ୍ ଟେକ୍‌ନିସିଆନ୍‌ଙ୍କ ବ୍ୟବସ୍ଥା ମଧ୍ୟ କରାଯିବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି । ଏହାଦ୍ୱାରା ରୋଗୀଙ୍କୁ ଉଚିତ ମାତ୍ରାରେ ଅକ୍‌ସିଜେନ୍ ଦିଆଯାଇ ସେମାନଙ୍କ ବହୁମୂଲ୍ୟ ଜୀବନ ରକ୍ଷା କରାଯାଇ ପାରିବ । ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନଙ୍କ କହିବା ଅନୁସାରେ ମାତ୍ରାଧିକ ପରିମାଣରେ ଅକ୍‌ସିଜେନ୍ ଦିଆଯିବା ରୋଗୀ ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ । ସେହିଭଳି ଆବଶ୍ୟକତା ଠାରୁ ଅଧିକ ଦିନ ପର୍ଯ୍ୟନ୍ତ ଅକ୍‌ସିଜେନ୍ ପ୍ରଦାନ କରାଗଲେ, ଶ୍ୱାସନଳୀ ଅକ୍ଷମ ହୋଇଯାଏ । ପୁଣି ଆବଶ୍ୟକତା ଠାରୁ କମ୍ ଅକ୍‌ସିଜେନ୍ ଦିଆଯିବା ଫଳରେ ରୋଗୀର ଜୀବନ ପ୍ରତି ବିପଦ ସୃଷ୍ଟି ହୁଏ । ଏସବୁ ଦୃଷ୍ଟିରୁ ଦକ୍ଷ ଟେକ୍‌ନିସିଆନ୍ ବ୍ୟବସ୍ଥା ମଧ୍ୟ ଅତ୍ୟନ୍ତ ଜରୁରୀ । ଏଥିପ୍ରତି ସମସ୍ତେ ଧ୍ୟାନ ଦେଲେ ଏଭଳି ମହାମାରୀ ସମୟରେ ବହୁମୂଲ୍ୟ ଜୀବନ ରକ୍ଷା କରିବା ଭଳି ପଦକ୍ଷେପ ସଫଳ ପ୍ରମାଣିତ ହୋଇପାରିବ ।



# ମହାମାରୀ କରୋନା କାଳରେ ସହଯୋଗର ହାତ ବଢ଼ାଇଲା ବି.ଏସ୍.ଏରୋବିକ୍ ଏଣ୍ଡ ଫିଟ୍‌ନେସ୍ ସେଣ୍ଟର

ବଲାଙ୍ଗିର, (ନିପ୍ର) : ମହାମାରୀ କରୋନା ସାରା ଓଡ଼ିଶାରେ ହଇଚଇ ସୃଷ୍ଟି କରିଥିବା ବେଳେ ଗରିବ ଖଟିଖିଆଙ୍କ ଜୀବନ ଜୀବିକା ଅସ୍ତବ୍ୟସ୍ତ ହୋଇପଡ଼ିଛି । ଏମିତି ସମୟରେ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ବ୍ୟକ୍ତିବିଶେଷ ଗରିବ ତଥା ଅସହାୟ ମଣିଷଙ୍କୁ ସହଯୋଗ କରିବା ପାଇଁ ଆଗେଇ ଆସିଛନ୍ତି, ଯାହା ସମାଜ ପାଇଁ ଅତ୍ୟନ୍ତ ଶୁଭଙ୍କର ମନେହେଉଛି । ଏମିତି ବେଳାରେ ବି.ଏସ୍.ଏରୋବିକ୍ ଏଣ୍ଡ ଫିଟ୍‌ନେସ୍ ସେଣ୍ଟରର ନିର୍ଦ୍ଦେଶିକା ସ୍ୱାତୀ ପଟ୍ଟନାୟକ ମଧ୍ୟ ଅସହାୟଙ୍କୁ ସହାୟତା ପ୍ରଦାନ ପାଇଁ ହାତ ବଢ଼ାଇଛନ୍ତି ।

ସେ ଅନ୍‌ଲାଇନ୍ ଏରୋବିକ୍ ତଥା ଯୋଗ କ୍ଲାସ୍‌ରୁ ଯାହା ପାଉଣା ପାଉଛନ୍ତି, ତାହା ଅସହାୟଙ୍କ ସେବାରେ ଲଗାଇବା ପାଇଁ ଆଂଟା ଭିଡ଼ିଛନ୍ତି । ମହାମାରୀର ତାଡ଼ନାରେ ଯେଉଁମାନେ ମୁଠେ ଖାଇବାକୁ ପାଉ ନାହାନ୍ତି, ସେହି ଶ୍ରେଣୀର ଗରିବ ଲୋକଙ୍କ ପାଖକୁ ଯାଇ ସ୍ୱତଃ ସହାୟତାର ହାତ ବଢ଼ାଉଛନ୍ତି ସ୍ୱାତୀ । ତାଙ୍କ ଏଭଳି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com